## ସଂକ୍ଷେପରେ

### ୭ ହାଇୱା, ୨ ଟ୍ରାକ୍ଟରରୁ ଜରିମାନା

ଚମ୍ପୁଆ, ୨୬।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ତହସିଲପକ୍ଷରୁ ଚୋରା ଲଘୁଖଣିଜ ପରିବହନ ଉପରେ ଜୋରଦାର ଚଢାଉ ଆରମ୍ଭ କରାଯାଇଛି। ଚମ୍ପୁଆ ତହସିଲଦାରଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ରାଜସ୍ୱ ନିରୀକ୍ଷକ ସୁଧାକର ସେଠୀ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇ ସପ୍ତାହକ ମଧ୍ୟରେ ୭ଟି ହାଇୱା ଓ ୨ଟି ଟ୍ରାକ୍ଟର ଗାଡି ଜବତ କରିବା ସହିତ ଲକ୍ଷାଧିକ ଟଙ୍କାର ଫାଇନ ଆଦାୟ କରିଛନ୍ତି। ସୂଚନା ଅନୁସାରେ କିଛି ଦିନ ହେବ ଚମ୍ପୁଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ମାଫିଆମାନେ ସକ୍ରିୟ ହୋଇ ଉଠିଥିବା ବେଳେ ରାତିଅଧ ଓ ଭୋର ସମୟରେ ଚୋରା ଲଘୁଖଣିଜ ପରିବହନ କରୁଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଚମ୍ପୁଆ ତହସିଲଦାର ଡ. ସାଇସ୍ମିତା ହୋତା ରାତିଅଧରେ ଚଢାଉ କରି ଏହି ଚୋରା ଗାଡିଗୁଡକୁ ଧରିବାରେ ସଫଳ ହୋଇଛନ୍ତି।

### ସାପ କାମୁଡାରେ ୨ ଜୀବନ ଗଲା

ଖଇରା/କୁଳିଅଣା, ୨୬।୮ (ଡି.ଏନ.ଏ.)- ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ସାପ କାମୁଡ଼ାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଧୀନ ମାହାରାସାହି ଗ୍ରାମର ଗୌତମ ସାମଲ(୨୦) ସାପ କାମୁଡାରେ ପ୍ରାଣ ହରାଇଛନ୍ତି । ଗୁରୁବାର ପୂର୍ବାହ୍ନରେ ସେ ଜମିକୁ ଚାଷ କାମ ପାଇଁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡାରେ ସଂଜ୍ଞାହୀନ ହୋଇପଡିଥିଲେ। ପ୍ରଥମେ ଖଇରା ପରେ ଭଦ୍ରକ ଏବଂ ଗୁରୁତର ଅବସ୍ଥାରେ କଟକ ନିଆଯାଉଥିବା ରାସ୍ତାରେ ସେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ସେହିପରି ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅନ୍ତର୍ଗତ ରଥଶୋଳ ଗ୍ରାମର ବିରୋମ ଟୁଡୁ (୬୦)ଙ୍କ ବୁଧବାର ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କୁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୧) ରୁଜୁ ହୋଇଛି।

### ପୋତାଗଲା ପରିତ୍ୟକ୍ତ ଖାଲ

ହାଟଡିହୀ, ୨୬।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ପଛ ପଟ ଖାଲକୁ ହାଟଡିହୀ ବ୍ଲକ ତରଫରୁ ପୋତା ଯାଇଛି। ଉକ୍ତ ଖାଲରେ ବର୍ଷ ସାରା ପାଣି ଜମି ରହୁଥିବାରୁ ସ୍ଥାନୀୟ ପରିବେଶ ଅସ୍ୱାସ୍ଥ୍ୟକର ହୋଇ ପଡୁଥିଲା। ପୂର୍ବରୁ ଉକ୍ତ ଖାଲକୁ ପୋତିବା ଓ ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲା। ଦୀର୍ଘ ବର୍ଷ ପରେ ଏହି କାର୍ଯ୍ୟ କରାଯାଇଛି। ପ୍ରକଳ୍ପ ଅନୁମୋଦନ ହୋଇ ଆସିବା ପରେ ମରେଇଗାଁ ପଞ୍ଚାୟତ ତରଫରୁ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖାଲ ପୋତା କାର୍ଯ୍ୟ ହୋଇଛି। ଉକ୍ତ ଖାଲକୁ ପୋତିବାପାଇଁ ପୂର୍ବତନ ହାଟଡିହୀ ବିଡିଓ ଜୟଦେବ ଦାସଙ୍କୁ ଜଣାଯାଇଥିଲା। ବିଡିଓ ଦାସ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ କାର୍ଯ୍ୟ କରିବା ପାଇଁ ଯନ୍ତ୍ରୀ ସୁପ୍ରଭା ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ। ପରେ ଏହି କାର୍ଯ୍ୟ ଶେଷ ହୋଇଛି।

### ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହେବ ସମସ୍ତ ହାଇସ୍କୁଲ

କେନ୍ଦୁଝର, ୨୬।୮ (ସ୍ୱ.ପ୍ର.): ସରକାରଙ୍କ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ୧୩ ବ୍ଲକ ଅଧୀନ ୧୦୦ ସ୍କୁଲକୁ ସାମିଲ କରାଯାଇଛି । ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ବିଦ୍ୟାଳୟ ଗୁଡ଼ିକର ଆବଶ୍ୟକ ଭିତ୍ତିଭୂମିର ବିକାଶ ସହିତ ଅତିରିକ୍ତ ଶ୍ରେଣୀ ଗୃହ, ପାଚେରୀ, ବହୁମୁଖୀ ଗୃହ, ଇ-ପାଠାଗାର, ସ୍ମାର୍ଟ ଶ୍ରେଣୀ ଗୃହ, ଶୌଚାଳୟ, କ୍ରୀଡ଼ା, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଛି । ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ରାଜ୍ୟସ୍ତରରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାବେ ଉଦ୍‌ଘାଟନ କରିବେ ବୋଲି ଜଣାପଡିଛି । ଏହି ସବୁ କାର୍ଯ୍ୟର ତଦାରଖ ଜିଲାପାଳ ଆଶୀଷ ଠାକରେ କରୁଥିବାବେଳେ ପିଡି ଡିଆରଡିଏ, ସମସ୍ତ ଉପଜିଲାପାଳ, ଜିଲା ଶିକ୍ଷାଧିକାରୀ, ସମସ୍ତ ବ୍ଲକର ବିଡିଓ ଓ ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ନିଜ ଅଞ୍ଚଳର ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟକ୍ରମକୁ ସମୀକ୍ଷା କରୁଛନ୍ତି। ପରବର୍ତ୍ତୀ ସମୟରେ ଏହାକୁ ଜିଲାର ଅନ୍ୟ ୪୩୬ ହାଇସ୍କୁଲ ଓ ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ଜଣାପଡିଛି।

# ଡରାଇଲାଣି ତୃତୀୟ ଲହର

ବାରିପଦା ଅଫିସ, ୨୬।୮

କରୋନା ମହାମାରୀର ତୃତୀୟ ଲହର ଆଶଙ୍କାକୁ ନେଇ ସମସ୍ତେ ଭୀତତ୍ରସ୍ତ। ସେପ୍ଟେମ୍ବର ଶେଷ ଓ ଅକ୍ଟୋବର ପ୍ରାରମ୍ଭରେ ସଂକ୍ରମଣ ବଢ଼ିବା ସମ୍ଭାବନା ଥିବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏଥିରେ ଶିଶୁମାନେ ବିଶେଷ ଭାବେ ପ୍ରଭାବିତ ହେବେ ବୋଲି କୁହାଯାଉଥିବା ବେଳେ ମୟୂରଭଞ୍ଜ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ।

ଅଦ୍ୟାବଧି ଜିଲାରେ ୩୯ହଜାର ୪୬୧ ଆକ୍ରାନ୍ତଙ୍କ ମଧ୍ୟରୁ ୩୮ହଜାର ୯୪୭ ସୁସ୍ଥ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୨୫୩ ଥିବା ନେଇ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଦ୍ୱିତୀୟ ଲହରରେ ୨୬ଅଗଷ୍ଟ ପର୍ଯ୍ୟନ୍ତ ୧୮ବର୍ଷରୁ କମ୍ ୧୫୮ଜଣ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ରହି ଚିକିତ୍ସାଧିନ ଅଛନ୍ତି। ତୃତୀୟ ଲହରର ମୁକାବିଲା କରିବା ପାଇଁ ପିଆର୍ଏମ୍ ମେଡିକାଲରେ ୧୮୦ଟି ଶଯ୍ୟା, ୨୦ଟି ଆଇସିୟୁ ଓ ୧୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ଏଚଡିୟୁ(ହାଇ ଇଣ୍ଟେନସିଭ୍ କେୟାର ୟୁନିଟ) ସ୍ଥାପନ କରାଯାଇଛି। ସେହିପରି ଜିଲାର ପ୍ରତ୍ୟେକ ଉପଖଣ୍ଡସ୍ତରରେ ଥିବା ଡାକ୍ତରଖାନାଗୁଡ଼ିକରେ ୫ରୁ ୧୦ଟି ଲେଖାଏ ଶଯ୍ୟା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ୨ଟି ଶଯ୍ୟା ଆକ୍ରାନ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ଚିକିତ୍ସା ପାଇଁ ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଉଛି । ଚିକିତ୍ସା ନିମନ୍ତେ ଆବଶ୍ୟକ ସରଞ୍ଜାମ ଓ ଯନ୍ତ୍ରପାତି ଯୋଗାଇ ଦେବା ପାଇଁ ବିଭାଗକୁ ଅବଗତ କରାଯାଇଛି। ସେହିପରି ଶିଶୁମାନଙ୍କ ସୁରକ୍ଷା ନିମନ୍ତେ କୋଭିଡ୍ ସଚେତନତା ରଥ ଗାଁଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରୁଛନ୍ତି। ଜନଗହଳିକୁ ନ ଯିବା ପାଇଁ ପରାମର୍ଶ ଦିଆଯାଉଥିବା ବେଳେ ଟିକାକରଣ ହେଲେ ଅଗ୍ରାଧିକାର ଭିତ୍ତିରେ ଶିଶୁମାନଙ୍କୁ ଟିକା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି । ୯ମ, ୧୦ମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପ୍ରତି ବ୍ଲକରେ ତ୍ୱରିତ ସେବା ଯୋଗାଇଦେବା ପାଇଁ ୨୪ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି । ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ରଖାଯାଇଥିବା ନେଇ ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି। ତୃତୀୟ ଲହର ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲୁ ରହିଥିବା ବେଳେ ସ୍ଥିତି ଅନୁଯାୟୀ ମୁକାବିଲା କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ଅଧିକାରୀ ଡା.ରୂପଭାନୁ ମିଶ୍ର କହିଛନ୍ତି।



ପିଆରଏମ୍ ମେଡିକାଲ କଲେଜ।

# ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ନିରୂପଣ

ପାଟଣା, ୨୬।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ନିର୍ମିତ ହେବାକୁ ଥିବା ବସ ଷ୍ଟାଣ୍ଡ ପାଇଁ ଗରୁବାର ଜିଲା ପ୍ରଶାସନିକ ଅଧକାରୀଙ୍କ ସହ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ସ୍ଥାନ ନିରୂପଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ପାଟଣା ମୁଖ୍ୟାଳୟ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍ ଆଉ ଯାତ୍ରୀ ବାହୀ କମାଣ୍ଡର ଗୁଡିକ ମୁଖ୍ୟାଳୟ ଜି.ଏନ ହାଇସ୍କୁଲ ଓ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ପାର୍କିଂ କରାଇବା ଫଳରେ ଶୈକ୍ଷିକ ବାତାବରଣରେ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ହୋଇ ଆସୁଥିଲା । ଏଥିସକାଶେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କ ସହ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଏଡିଏମ ସନ୍ତୋଷ ନାୟକ, ରାଜସ୍ୱ ପରିଦର୍ଶକ ବନମାଳୀ ନାୟକ, ପାଟଣା ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁ ଓ କଣ୍ଟିଆ ପଡା ରାଜସ୍ୱ ନିରୀକ୍ଷକ ବିକ୍ରମ ମିଶ୍ର ପାଟଣା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ବୈତରଣୀ ନଦୀ କୁଳ ଦୁର୍ଗାଆଦେଇପୁର ମୌଜା ସ୍ମଶାନ ନିକଟ ତଇଲା କିସମ ଓ ସାଧୁ ପଡା ମୌଜାର ୨ ଏକରରୁ ଉର୍ଦ୍ଧ୍ୱ ପରିମିତ ବଗାୟତ ଜମିକୁ ବୁଲି ଦେଖିଛନ୍ତି। ପାଟଣାରେ ସ୍ଥାୟୀ ବସ ଷ୍ଟାଣ୍ଡ ନିର୍ମାଣ ହେଲେ ଦୀର୍ଘ ଦିନର ସମସ୍ୟାର ଅନ୍ତ ଘଟିବ ବୋଲି ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ସାମାଜିକକର୍ମୀ ଅଜୟ ଦାଶ, ପ୍ରଶାନ୍ତ ଭଞ୍ଜ, ବିଜୟରତ୍ନ ପତି ପ୍ରମୁଖ ପ୍ରକାଶ କରିଛନ୍ତି।

# କରୋନା ଆକ୍ରାନ୍ତଙ୍କ ପରିବାରକୁ ଦିଆଗଲା ରାଶନ

ଭଦ୍ରକ ଅଫିସ, ୨୬।୮

ଓଡ଼ିଶା ସୋସାଇଟି ଅଫ୍ ଆମେରିକା ଓ ଭଦ୍ରକ ମିଡ୍‌ଟାଉନ ରୋଟାରି କ୍ଲବର ମିଳିତ ସହାୟତାରେ ଜିଲାରେ କରୋନା ଆକ୍ରାନ୍ତ ୭୦୦ ପରିବାରକୁ ୨ ଥର ଲାଗି ଚରମ୍ପା ଅଗ୍ରସେନ ଭବନରେ ରାଶନ ବଣ୍ଟନ କରାଯାଇଛି। ଏହାର ସଂଯୋଗକାରୀ ମୁଖ୍ୟ ପୁରୋଧା ରୋଟାରିଆନ ଶିଶିର ମିଶ୍ର ଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ଚଳଚିତ୍ର ଉନ୍ନୟନ ନିଗମ ଅଧକ୍ଷ କୁନା ତ୍ରିପାଠୀ ଯୋଗ ଦେଇଥିଲେ। ପୂର୍ବତନ ରୋଟାରି ଗଭର୍ନର ଅଜୟ ଅଗ୍ରୱାଲ ତାଙ୍କ ଅନୁପସ୍ଥିତିରେ ବାର୍ତ୍ତା ପ୍ରେରଣ କରିଥିଲେ। ଅତିସ ବେହେରା ଅତିଥି ପରିଚୟ ଓ ଶିଶିର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସୁଶାନ୍ତ ମହାନ୍ତି, ରୋଟାରିଆନ ସନାତନ ଜେନା, ରତନଲାଲ ଗୁପ୍ତା, ପ୍ରୀତିରଞ୍ଜନ ଜେନା, ଇନ୍ଦ୍ରଜିତ ସିଂ, ଅଶୋକ ଲଖାନି, ବେଦପ୍ରକାଶ ଗୁପ୍ତା, ଗୌରବ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ସୋର-କୁପାରୀ ରାସ୍ତା ଅବରୋଧ



ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରୁଛନ୍ତି।

ଖଇରା, ୨୬।୮ (ଡି.ଏନ.ଏ.)

**ନାଳରେ ପଡି ନାବାଳକ ମୃତ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମର ରମେଶ ପଣ୍ଡାଙ୍କ ପୁଅ ଧନଞ୍ଜୟ (୧୦) ପାଣିନାଳରେ ପଡି ପ୍ରାଣ ହରାଇଛନ୍ତି। ବଣପାରିଆ ସମେତ କଣ୍ଟାପଡା ଶାସନ, ବଟେଶ୍ୱର ଗ୍ରାମବାସୀ ଏକଜୁଟ ହୋଇ ସୋର-କୁପାରୀ ରାସ୍ତାକୁ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅବରୋଧ କରି ରଖିଥିଲେ। ପରିବାରକୁ କ୍ଷତିପୂରଣ ବାବଦକୁ ୧୦ଲକ୍ଷ, କଣ୍ଟାପଡା ଶାସନକୁ ରାସ୍ତା ଓ ପୋଲ ନିର୍ମାଣ ପାଇଁ ଅଡି ବସିଥିଲେ। ପରେ ଆଇଆଇସି ଶ୍ରୀବଲ୍ଲଭ ସାହୁ, ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା, ଶିଳ୍ପପତି ପ୍ରଦୀପ କୁମାର ସାହୁ, ସରପଞ୍ଚ ସଞ୍ଜୟ ସେଠୀ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଦାବିଗୁଡିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାସ୍ଥଳ ଛାଡିଥିଲେ। ୪ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ।

ଧନଞ୍ଜୟ ନିଜ ମାମୁଘର କଣ୍ଟାପଡା ଶାସନକୁ ବୁଲିବାକୁ ଆସିଥିଲେ। ଗୁରୁବାର ସକାଳେ ସେ ଅନ୍ୟ ୨ସାଙ୍ଗଙ୍କ ସହ ପୋଲ ନିକଟରେ ଖେଳୁଥିଲେ। ଅସାବଧାନତାବଶତଃ ୩ଜଣ ଯାକ ପାଣିନାଳକୁ ଖସି ପଡିଥିଲେ। ଅନ୍ୟ ୨ଜଣ ଉପରକୁ ଚାଲି ଆସିଥିଲେ ହେଁ ଧନଞ୍ଜୟ ବୁଡି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

କେନ୍ଦୁଝର, ୨୬।୮ (ଡି.ଏନ୍.ଏ.)

କେନ୍ଦୁଝର ପ୍ରେମଲତିକା କଳା ଭବନରେ ଓଡ଼ିଶା ମୋ ପରିବାର ପକ୍ଷରୁ କେନ୍ଦୁଝର ନଗର ଯୁବ ବିଜେଡି ସଭାପତି ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଉପାଧକ୍ଷ ଅକ୍ଷୟ କୁମାର ସାହୁ, ବରିଷ୍ଠ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ, ଜିଲା ଯୁବ ବିଜେଡି ସଭାପତି ରାକେଶ ରାମ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ, ମହିଳା ନେତ୍ରୀ ମୀନା ମାଝୀ, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଞ୍ଜନ ବେଜ, ଜିଲା ଛାତ୍ର ବିଜେଡି ସଭପତି ଅବିନାଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

# ନୂତନ ଜିଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ, ୨୬।୮

ବାଲେଶ୍ୱର ଜିଲାରେ ନୂତନ ଭାବେ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଗୁରୁବାର ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ୟୁନାଇଟେଡ୍ ଟିଚର୍ସ ଆଣ୍ଡ ଏମ୍ପ୍ଲୋଇଜ୍ ଆସୋସିଏଶନ୍ (ୟୁଟିଆ) ଏବଂ ଜାତୀୟ ସବୁଜ ବାହିନୀର ନେତୃବର୍ଗମାନେ ଜିଲା ଶିକ୍ଷାଧିକାରୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ଜିଲାରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତିରେ ସହଯୋଗ କାମନା କରିଛନ୍ତି। ୟୁଟିଆ ସଭାପତି ଶିବ ପ୍ରସାଦ ବଳ, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ମହାନ୍ତି, ସହସମ୍ପାଦକ ହରିପଦ ପରିଡ଼ା, ଜାତୀୟ ସବୁଜ ବାହିନୀ ତରଫରୁ ମାଷ୍ଟର ଟ୍ରେନର, କୃତିବାସ ବେଜ, ଅଜିତ୍ କୁମର ଦାସ, ସୁଧାଂଶୁ ଶେଖର ପାଣ୍ଡା ଓ ରାଧାକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ନୂତନ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାରଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆଯାଉଛି।

# 'ନକଲି ଆର୍‌ଆଇଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେଉ'

ବାରିପଦା ଅଫିସ, ୨୬।୮

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଶାଆଁଳପୁର ଗ୍ରାମ ଶ୍ମଶାନଘାଟ ନିମନ୍ତେ ଜାଲ୍ ନକ୍ସା ଦିଆଯାଇଥିବା ନେଇ ସରପଞ୍ଚ କୁନି ସିଂ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ଦଳେଇ, ପୂର୍ବତନ ବ୍ଲକ ସଭାପତି ରାକେଶ ମହାପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି ଦୀପକ କୁମାର ସାହୁ, ଯୁବ ସଭାପତି ନୀହାର ମହାପାତ୍ର, ରଣଜିତ ପାତ୍ର, ରଞ୍ଜନ ସିଂ, ସରପଞ୍ଚ ନରେନ୍ଦ୍ର ସିଂଙ୍କ ସହିତ ଶତାଧିକ କର୍ମୀ ତହସିଲ କାର୍ଯ୍ୟାଳୟ ପହଞ୍ଚି ତହସିଲଦାରଙ୍କୁ ଭେଟି ନକ୍ସା ଦେଇଥିବା ନକଲି ଆର୍‌ଆଇଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ଦାବି କରିଛନ୍ତି।

ଶାଆଁଳପୁର ଗ୍ରାମରେ ଶ୍ମଶାନ ଘର ନିମନ୍ତେ ନକ୍ସା ପାଇଁ ବଡ଼ସାହି ବିଡିଓ ଚିଠି ନଂ. ୫୨୧୭/ ୨୫।୬।୨୦୨୧ରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ପୂର୍ବରୁ ପତ୍ର ସଂଖ୍ୟା ୧୦୦/୨୮।୫।୨୦୨୧ରେ ମାଣତ୍ରୀ ରାଜସ୍ୱ ନୀରିକ୍ଷକ(ଆର୍‌ଆଇ) ଶାଆଁଳପୁର ଗ୍ରାମରେ ଉକ୍ତ ଶ୍ମଶାନଘାଟ ନିର୍ମାଣ ପାଇଁ ଆବେଦନକୁ ନାକଚ କରିଥିଲେ। ମାତ୍ର ସେହି ସ୍ଥାନରେ ପୁନର୍ବାର ନକଲି ଆର୍‌ଆଇଙ୍କ ଦ୍ୱାରା ଏକ ନକ୍ସା ପ୍ରସ୍ତୁତ କରି ତହସିଲଦାରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଏହି ନକ୍ସା ସେ ଦେଇ ନ ଥିବା ମାଣତ୍ରୀ ଆର୍‌ଆଇ କହିଛନ୍ତି। ଉକ୍ତ ଜାଲ୍ ନକ୍ସାଟି ତହସିଲ୍‌ଦାରଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ଉକ୍ତ ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିକଟରେ ଜନବସତି ଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିଥିଲେ। ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା୧୧୭/ ୯।୭।୨୦୨୧ରେ ଅଭିଯୋଗ ହେବା ପରେ ତହସିଲଦାର ତଦନ୍ତ କରି ଉକ୍ତ ଶ୍ମଶାନଘାଟ ଗୃହ କାର୍ଯ୍ୟ ବନ୍ଦ କରିବାକୁ ପତ୍ର ସଂଖ୍ୟା୧୫୬୫/୯।୭।୨୦୨୧ରେ ବଡ଼ସାହି ବିଡିଓଙ୍କୁ ଜଣାଇଥିଲେ। ତେବେ ଦୀର୍ଘ ଦେଢ଼ ମାସ ବିତି ଯାଇଥିଲେ ମଧ ଜାଲ୍ ନକ୍ସା ପ୍ରସ୍ତୁତକାରୀ ନକଲି ଆର୍‌ଆଇଙ୍କ ବିରୋଧରେ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ବଡ଼ସାହି ତହସିଲ୍‌ଦାର ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

# କଳା, କ୍ରୀଡ଼ା ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ଭଦ୍ରକ ଅଫିସ, ୨୬।୮

ଭଦ୍ରକ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଚରମ୍ପାସ୍ଥିତ ଏକ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତ କୁମାର ନାୟକ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଜୟନ୍ତ କୁମାର ନାୟକ ଓ ଗୋବର୍ଦ୍ଧନ ମହାଳିକ, ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ଆଶିଷ କୁମାର ସାହୁ, ସହସମ୍ପାଦକ ବିପିନ ବସନ୍ତିଆ, ସିଦ୍ଧାର୍ଥ ସାହୁ, ସୁବ୍ରଜିତ ଚାନ୍ଦ, କୋଷାଧକ୍ଷ ଭାବେ ଜିତେନ୍ଦ୍ରିୟ ବେହେରା ଓ ସଭ୍ୟାରାଣୀ ରାଉତ, ଜିଲା ସଂଯୋଜକ ଭାବେ ସୁକାନ୍ତ କୁମାର ଦାସ ଓ ବଙ୍କି ଜଗବନ୍ଧୁ, ରାଜ୍ୟ ସଂଯୋଜକ ବିପିନ ବସନ୍ତିଆଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା ସମସ୍ତ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ପୂର୍ଣ୍ଣ ଶିକ୍ଷକ ମାନ୍ୟତା ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା। ସରକାରଙ୍କୁ ଏହି ଦାବି ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

# ହାତୀ ନଷ୍ଟ କଲେ ଧାନ ଫସଲ


ହାତୀ ଖୋଜରେ ନଷ୍ଟ ହୋଇଥିବା ଧାନ ଫସଲ।

ଚିତ୍ରଡ଼ା, ୨୬।୮ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ବର୍ଷ ତମାମ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ଏବେ ଚାଷୀଙ୍କ ସମସ୍ୟା ବଢ଼ି ଚାଲିଛି। ଏହି ବ୍ଲକ ତଥା ବେତନଟୀ ରେଞ୍ଜର ଦୁର୍ଗାପୁର ରିଜର୍ଭରେ ଗୁରୁବାର ୨୫ ଖାଡ଼ଖଣ୍ଡୀ ହାତୀଙ୍କ ପ୍ରବେଶ ଯୋଗୁ ପ୍ରାୟ ୨୦ଏକରରୁ ଅଧିକ ଚାଷଜମି ନଷ୍ଟ ହୋଇଛି। ହାତୀପଲ ଦୁର୍ଗାପୁର, ବଡ଼ଜାମବଣି, ଦାନ୍ତିଆମୁହାଁ ଆଦି ଅଞ୍ଚଳରେ ପ୍ରବେଶ କରି ଏକର ଏକର ଧାନ ପସଲ ମାଡ଼ି ଦଳି ନଷ୍ଟ କରିଛନ୍ତି। ଏସଂକ୍ରାନ୍ତରେ ବେତନଟୀ ରେଞ୍ଜରଙ୍କୁ ପଚାରିବାରୁ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବନ କର୍ମଚାରୀମାନେ ଚେଷ୍ଟା ଜାରି ରଖିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ସହାୟତା ପାଇ ପାରିବେ ବୋଲି ସେ କହିଛନ୍ତି।

# ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ

ପାଟଣା, ୨୬।୮ (ସ୍ୱ. ପ୍ର.)

କେନ୍ଦୁଝର ଜିଲା ଓଷ୍ଟା ସଂଗଠନ ପକ୍ଷରୁ ଗୁରୁବାର ପାଟଣା ଓ ସାହାରପଡା ବ୍ଲକର ଜଡ଼ିଚାତର, ସିଳିଦା, ସିଲିପଦା, ଉଦୟପୁର, ବେଗନା, ତେଣ୍ଡରା ଓ ଶିଆଳିଯୋଡା ହାଇସ୍କୁଲ ପରିସରରେ ବୃକ୍ଷରୋପଣ ହୋଇଛି। ଏହାପରେ ସାହାରପଡା ବ୍ଲକ ଶିଆଳିଜୋଡ଼ା ହାଇସ୍କୁଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ ଜିଲା ଓଷ୍ଟା ସଭାପତି ଶାନ୍ତନୁ କୁମାର ମିଶ୍ର, ସମ୍ପାଦକ କ୍ଷୀରୋଦ ରାଉତ, ପାଟଣା ବ୍ଲକ ସମ୍ପାଦକ ଅନିଲ ବାରିକ, ଶିକ୍ଷକ ପ୍ରଶାନ୍ତ ପରିଡ଼ା, ସାହାରପଡା ବ୍ଲକ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତ, ଶିଆଳିଯୋଡ଼ା ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମହାନ୍ତ ପ୍ରମୁଖ ଶିକ୍ଷକ ଯୋଗଦାନ କରିଥିଲେ।

# ପିଡିଏସ୍ ସାମଗ୍ରୀ ହଡ଼ପ ଅଭିଯୋଗ

ବାଲେଶ୍ୱର ଅଫିସ, ୨୬।୮

ବାଲେଶ୍ୱର ଜିଲାରେ ଯୋଗାଣ ବିଭାଗ ପକ୍ଷରୁ ବଣ୍ଟାଯାଉଥିବା ପିଡ଼ିଏସ୍ (ସାଧାରଣ ବଣ୍ଟନ ବ୍ୟବସ୍ଥା) ସାମଗ୍ରୀ ହଡପ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଭାରତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ଜିଲା ସଭାପତି ବିକାଶ କୁମାର ଦାସ ମଙ୍ଗଳବାର ବାଲେଶ୍ୱର ଉପଜିଲାପାଳ, ସିଭିଲ ସପ୍ଲାୟ ଅଫିସର ଓ କୋ ଅପରେଟିଭ ସୋସାଇଟିର ଡେପୁଟି ରେଜିଷ୍ଟରଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ପିଡିଏସ୍ ସାମଗ୍ରୀ ବଣ୍ଟନ ବେଳେ ହିତାଧିକାରୀଙ୍କୁ କିରୋସିନ ୨ଶହରୁ ୩ଶହ ମିଲିଲିଟର ଏବଂ ଗହମ ୧ଶହରୁ ୫ଶହ ଗ୍ରାମ୍ ପର୍ଯ୍ୟନ୍ତ କମ୍ ଦେଇ ପ୍ରତ୍ୟେକ ମାସ ସେମାନଙ୍କ ଖାତାରେ ନିର୍ଦ୍ଧାରିତ ଓଜନର ପରିମାଣର ଦସ୍ତଖତ କରାଇ ନିଆଯାଉଛି। ହିତାଧିକାରୀମାନେ ଅଭିଯୋଗ ଆଣିଲେ ଚଳିତମାସ କମ୍ କିରୋସିନ ଓ ଗହମ ବିଭାଗ ତରଫରୁ ମିଳିଥିବା ଦର୍ଶାଇଥାନ୍ତି। ପରେ ମଧ କମ୍ ଦେଇଥିବା ସାମଗ୍ରୀ ଦେଇ ନ ଥାନ୍ତି। ଏହିପରି ପ୍ରତ୍ୟେକ ମାସ ଶତାଧିକ ହିତାଧିକାରୀଙ୍କଠାରୁ କୁଇଣ୍ଟାଲ କୁଇଣ୍ଟାଲ ସାମଗ୍ରୀ ହଡ଼ପ କରି ନେଇଥାନ୍ତି। ଉକ୍ତ ଅଭିଯୋଗ ଜିଲା କିମ୍ବା ବ୍ଲକ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ ହିତାଧିକାରୀମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଗତ ୧୬ତାରିଖରେ ଜିଲାପାଳ ଓ ସିଭିଲ ସପ୍ଲାୟ ଅଫିସର ମିଳିତ ଭାବେ ସଦର ବ୍ଲକ ଶାସଙ୍ଗ ପଞ୍ଚାୟତରେ ଥିବା ଶାସଙ୍ଗ ସେବା ସମବାୟ ସମିତି ଦ୍ୱାରା ବଣ୍ଟନ କରାଯାଉଥିବା ପିଡିଏସ୍ ସାମଗ୍ରୀ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ପରଦିନଠାରୁ ଯେଉଁ ହିତାଧିକାରୀଙ୍କ କିରୋସିନ ପାଇଁ ଦେଢ଼ ଲିଟର ନିର୍ଦ୍ଧାରିତ ହୋଇଛି ସେମାନଙ୍କୁ ପ୍ରତିମାସ ୧ଲିଟର ୨୦୦ମିଲିଲିଟର ଦେବା ପରିବର୍ତ୍ତେ ୧ଲିଟର ୩୦୦ ମିଲିଲିଟର ଦେବା ସହ ଖାତାରେ ଦେଢ଼ଲିଟର ପକାଇଥିଲେ। ତାଙ୍କ ମୋବାଇଲ୍‌କୁ ଦେଢ଼ଲିଟର କିରୋସିନ ଗ୍ରହଣ କରିଥିବା ମେସେଜ୍ ଆସିଥିଲା। ଏଥିରୁ ସ୍ପଷ୍ଟ ଯେ, ପ୍ରତ୍ୟେକ ହିତାଧିକାରୀଙ୍କଠାରୁ କିପରି ପିଡିଏସ୍ ସାମଗ୍ରୀ ଲୁଟ୍ ହେଉଛି। ଅନୁରୂପ ଭାବେ ଗହମ ବଣ୍ଟନରେ ମଧ ଏଭଳି ଚଞ୍ଚକତା ପୂର୍ବକ ହଜାର ହଜାର କୁଇଣ୍ଟାଲ ଲୁଟି ଡିଲର ଏବଂ ଅଧିକାରୀମାନେ ମାଲେମାଲ ହେଉଛନ୍ତି।

ଏ ନେଇ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ କହିଛନ୍ତି, ଶାସଙ୍ଗ ସେବା ସମବାୟ ସମିତି ପକ୍ଷରୁ ଅଭିଯୋଗ ମିଳିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ହାଟରୁ ବାଇକ୍ ଚୋରି

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଡାହିବାଡ଼ି ସାପ୍ତାହିକ ହାଟରୁ ଏକ ବାଇକ୍ ଚୋରି ହୋଇଛି। ଏନେଇ ବସ୍ତା ଥାନା ଅନ୍ତର୍ଗତ ମାଣ୍ଡୁରୁକୁଲା ଗ୍ରାମର ହୃଦାନନ୍ଦ ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୨୪୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ବାରମ୍ବାର ଏହି ହାଟରୁ ଚୋରି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ବାଙ୍ଗରିପୋଷି–ଗୋରୁମହିଷାଣୀ ନୂତନ ରେଳପଥ ନିର୍ମାଣ ଦାବିରେ ଭଞ୍ଜସେନାର ପଦଯାତ୍ରା, ସ୍ଥାନ–ବାଙ୍ଗରିପୋଷି, ସମୟ–ପୂର୍ବାହ୍ନ ୮ଟା ।
- ସାଇ ଟ୍ରଷ୍ଟ ଓଡ଼ିଶା ବେବି ଫୁଡ୍ ପ୍ରୋଜେକ୍ଟର ଶୁଭାରମ୍ଭ, ସ୍ଥାନ–ଚିତ୍ରଡ଼ା କଲେଜ ଛକ, ସମୟ–ଅପରାହ୍ନ ୧ଟା।

**ଭଦ୍ରକ**

- ସାହିତ୍ୟରତ୍ନ ଅପୂର୍ବ ରଞ୍ଜନ ରାୟଙ୍କ ୫ମ ଶ୍ରାଦ୍ଧବାର୍ଷିକୀ। ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ନୂଆବଜାର। ସମୟ: ପୂର୍ବାହ୍ନ ୧୧ଟା।

## ୫ ଥାନାରେ ନୂଆ ଅଧିକାରୀ

ବୈଶିଙ୍ଗା/ରାଇରଙ୍ଗପୁର,୨୬।୮ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲାର ୫ ଥାନାରେ ନୂତନ ଅଧିକାରୀ ଯୋଗ ଦେଇଛନ୍ତି। ବୁଧବାର ବୈଶିଙ୍ଗା ଥାନାରେ ପ୍ରଭାଂଶୁ ଶେଖର ମିଶ୍ର, ରାଇରଙ୍ଗପୁର ଟାଉନ ଥାନାରେ ଅଜୟ ସୁଦର୍ଶନ ବାଗେ, ଗୋରୁମହିଷାଣୀ ଥାନାରେ ନିରୋଜ ସାମଲ ଓ ତିରିଂ ଥାନାରେ ପ୍ରଫୁଲ୍ଲ କୁମାର ବାରିକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଗୁରୁବାର ବହଳଦା ଥାନା ଅଧିକାରୀ ଭାବେ ପଞ୍ଚାନନ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି।

## ରେଳଧାରଣା କଡ଼ରୁ ମିଳିଲା ଖଣ୍ଡବିଖଣ୍ଡିତ ମୃତଦେହ

ଭଦ୍ରକ ଅଫିସ, ୨୬।୮-ଭଦ୍ରକ ବାଉଦପୁର ଷ୍ଟେଶନ ନିକଟରେ ଗୁରୁବାର ପୂର୍ବାହ୍ନରେ ରେଳଧାରଣା କଡ଼ରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ରେଳଧାରଣା କଡ଼ରେ ଜଣେ ବ୍ୟକ୍ତିଙ୍କ ଗୋଡ଼ କଟି ପଡ଼ିଥିବା ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏଥିସହ ଶରୀର ସମ୍ପୂର୍ଣ୍ଣ ଭାବେ ଖଣ୍ଡ ବିଖଣ୍ଡିତ ହୋଇ ପଡ଼ି ଥିବାରୁ ମୃତକଙ୍କ ପରିଚୟ କିଛି ବି ଜଣାପଡ଼ି ନ ଥିଲା। ଟ୍ରେନ୍‌ରେ କଟି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ଆର୍‌ପିଏଫ୍ ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର, ୨୬।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ଥାନା ଶୁଆକାଟି ଫାଣ୍ଡିର ବାୟାପଣ୍ଡାଧାର ଛକରେ ବିଳମ୍ବିତ ରାତିରେ ଟ୍ରକ ଧକ୍କାରେ ରବି ପ୍ରଧାନ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କତରାପାଲି ଗ୍ରାମରେ। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ୪୯ ନମ୍ବର ଜାତୀୟରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଉଭୟପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ଜାରି ରଖିଛି।

## ସାନ ଭାଇ ଆକ୍ରମଣରେ ବଡ଼ ମୃତ

କୁଆମରା ,୨୬।୮(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ଅଙ୍ଗାରଗଡିଆ ଗ୍ରାମରେ ସାନ ଭାଇ ଆକ୍ରମଣରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସାନ ଭାଇ ଜଗମୋହନ ସିଂଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ମୃତକ ହେଲେ ରୁହିୟା ସିଂ। ସପ୍ତାହେ ତଳେ ବିଦ୍ୟୁତ୍ ଆଲୁଅ ନ ଜଳିବାରୁ ବଡ଼ ଭାଇ ରୁହିୟା ଗ୍ରାମବାସୀଙ୍କୁ ଦୋଷାରୋପ କରିବା ସହ ଗାଳି ଗୁଲଜ କରିଥିଲେ। ସାନ ଭାଇ ଜଗମୋହନ ଏହାର ପ୍ରତିବାଦ କରିବାରୁ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଜଗମୋହନଙ୍କ ମାଡ଼ରେ ରୁହିୟା ଗୁରୁତର ହୋଇ ଚିକିତ୍ସିତ ହେଉଥିଲେ। ବୁଧବାର ତାଙ୍କର ମୃତ୍ୟୁ ହେବାରୁ ଗୁରୁବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଚାଉଳ ପରିବହନକୁ ନେଇ ବିବାଦ

**■କ୍ଷତିଗ୍ରସ୍ତ ହେବ ଯୋଗାଣ ବିଭାଗ**
**■ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଦାବି**

କେନ୍ଦୁଝର,୨୬।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବେସାମରିକ ଯୋଗାଣ ବିଭାଗ ପକ୍ଷରୁ ସ୍ଥାନୀୟ ମଣ୍ଡୁଆ ସ୍ଥିତ ଗୋଦାମରୁ ଘଟଗାଁ ଓ ହରିଚନ୍ଦନପୁର ବ୍ଲକକୁ ପିଡିଏସ ଚାଉଳ ଯୋଗାଣ ହୋଇ ଆସୁଥିବାବେଳେ ଏବେ ଏହି ଦୁଇ ବ୍ଲକକୁ ଅଲଗା କରି ଘଷିପୁରା ବ୍ଲକ ସୁଆଁପଦା ସ୍ଥିତ ଗୋଦାମରୁ ଯୋଗାଣ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ବିବାଦ ଦେଖାଦେଇଛି। ମଣ୍ଡୁଆ ଆର୍‌ଆର୍‌ସି କେନ୍ଦ୍ରରୁ କେନ୍ଦୁଝରଗଡ଼ ପୌରପାଳିକା, ତେଲକୋଇ, ଘଟଗାଁ , ସଦର ଓ ହରିଚନ୍ଦନପୁର ବ୍ଲକର ସମସ୍ତ ପଞ୍ଚାୟତକୁ ପିଡିଏସ ଚାଉଳ ସୁରୁଖୁରୁରେ ପରିବହନ କରାଯାଉଥିଲା। ଏବେ ଏହି ଦୁଇ ବ୍ଲକକୁ ସୂଆଁପଦାରୁ ଯୋଗାଣ ହେଲେ ସମସ୍ୟା ଦେଖା ଦେବା ଆଶଙ୍କା ରହୁଥିବାରୁ ପୂର୍ବପରି ମଣ୍ଡୁଆରୁ ଯୋଗାଣ ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ସୂଆଁପଦାରୁ ପିଡିଏସ୍ ଚାଉଳ ପରିବହନ କରାଗଲେ ପରିବହନ ଭଡ଼ା ବାବଦକୁ ବ୍ୟାପକ ରାଜସ୍ୱ ହାନୀ ଘଟିବ ବୋଲି ମତ ପ୍ରକାଶ ପାଉଛି।

ପ୍ରକାଶ ଯେ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକକୁ ପିଡିଏସ ଚାଉଳ ପରିବହନ ମଣ୍ଡୁଆ ଗୋଦାମ ଘର ପରିବର୍ତ୍ତେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଅଧୀନରେ ଥିବା ଘଷିପୁରା ବ୍ଲକ ସୁଆଁପଦା ଗୋଦାମ ଅଧୀନରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୧୬ରୁ ସୂଆଁପଦା ଗୋଦାମ ଘର କାର୍ଯ୍ୟକ୍ଷମ ହୋଇଥିବାବେଳେ ସେଠାରେ ଘଷିପୁରା, ଆନନ୍ଦପୁର ପୌରପାଳିକା, ଆନନ୍ଦପୁର, ହାଟଡିହୀ ବ୍ଲକର ସମସ୍ତ ପଞ୍ଚାୟତକୁ ପିଡିଏସ୍ ଚାଉଳ ଯୋଗାଣ ହେଉଛି। ମଣ୍ଡୁଆ ଆର୍‌ଆର୍‌ସି କେନ୍ଦ୍ରରୁ କେନ୍ଦୁଝରଗଡ଼ ପୌରପାଳିକା, ବାଂଶପାଳ, ତେଲକୋଇ, ଘଟଗାଁ ଓ ହରିଚନ୍ଦନପୁର ବ୍ଲକର ସମସ୍ତ ପଞ୍ଚାୟତକୁ ପିଡିଏସ୍ ଚାଉଳ ପରିବହନ କରାଯାଉଛି।

ଘଟଗାଁ ବ୍ଲକର ୨୭ଟି ପଞ୍ଚାୟତକୁ ମାସିକ ୫୯୪୮.୫୦ କୁଇଣ୍ଟାଲ ଚାଉଳ ପଠାଯାଇଥାଏ। ସେହିପରି ହରିଚନ୍ଦନପୁର ବ୍ଲକର ୨୫ ପଞ୍ଚାୟତକୁ ୭୨୭୨.୯୫ କୁଇଣ୍ଟାଲ ଚାଉଳ ପରିବହନ ହୋଇଥାଏ। ୨୦୨୧–୨୩ ବର୍ଷ ପାଇଁ ଚାଉଳ ପରିବହନ ଲାଗି ଘଟଗାଁ ବ୍ଲକ ପାଇଁ କୁଇଣ୍ଟାଲ ପିଛା ୪୪ ଟଙ୍କା ୨୫ ପଇସା ଓ ହରିଚନ୍ଦନପୁର ବ୍ଲକ ପାଇଁ ୫୧ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଛି। ସୁଆଁପଦାରୁ ପରିବହନ ହେଲେ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବ। ସୁଆଁପଦାରୁ ଘଟଗାଁ ବ୍ଲକକୁ ଚାଉଳ ପରିବହନ ହେଲେ ୬୭ଟଙ୍କା ୭୧ ପଇସା ଓ ହରିଚନ୍ଦନପୁର ବ୍ଲକକୁ ୭୪ ଟଙ୍କା ୫୫ ପଇସା ପ୍ରତି କୁଇଣ୍ଟାଲ ପରିବହନ ଭଡ଼ା ବାବଦରେ ଖର୍ଚ୍ଚ ହେବ। ଯାହାକି ମଣ୍ଡୁଆ ଆର୍‌ଆର୍‌ସିଠାରୁ ପରିବହନ ମୂଲ୍ୟ ଠାରୁ ଅଧିକ ହେବ। ତେବେ ମଣ୍ଡୁଆ ଆର୍‌ଆର୍‌ସିଠାରୁ ହରିଚନ୍ଦନପୁରର ବିଭିନ୍ନ ପଞ୍ଚାୟତକୁ ହାରାହାରି ଦୂରତ୍ୱ ୪୮ କି.ମି. ରହିଥିବାବେଳେ ସୂଆଁପଦାରୁ ହରିଚନ୍ଦନପୁରକୁ ଦୂରତ୍ୱ ୯୩ କି.ମି.। ସେହିପରି ମଣ୍ଡୁଆ ଆରଆରସିରୁ ଘଟଗାଁର ବିଭିନ୍ନ ପଞ୍ଚାୟତକୁ ହାରାହାରି ଦୂରତ୍ୱ ୩୩ କି.ମି. ହୋଇଥିବାବେଳେ ସୂଆଁପଦାରୁ ଦୂରତ୍ୱ ଦୂରତ୍ୱ ୮୨ କି.ମି. ରହୁଛି। ଏଣୁ ସୁଆଁପଦା ଗୋଦାମରୁ ଏହି ଦୁଇ ବ୍ଲକର ପଞ୍ଚାୟତକୁ ପରିବହନ ହେଲେ ସରକାରଙ୍କ ଅଧିକ ଖର୍ଚ୍ଚ ହେବ ବୋଲି ମତ ପ୍ରକାଶ ପାଉଛି। ଏଣୁ ଗୋଦାମ ପରିବର୍ତ୍ତନ ନ କରି ପୂର୍ବପରି ଏହି ଦୁଇ ବ୍ଲକ ମଣ୍ଡୁଆ ଆର୍‌ଆର୍‌ସି ଅଧୀନରେ ରଖିବା ପାଇଁ ଦାବି ହୋଇଛି। କେତେକ ମିଲରଙ୍କ ଚାପରେ ଏଭଳି ଗୋଦାମ ପରିବର୍ତ୍ତନ ନିଷ୍ପତ୍ତି ନିଆଯାଉଥିବା ଏବଂ ଏଥିପାଇଁ ଯୋଗାଣ ବିଭାଗ ଭୁଲ ତଥ୍ୟ ପ୍ରଦାନ କରି ଯୋଗାଣ ବିଭାଗ ପରିଚାଳନା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ କହିଛନ୍ତି, ଏହାର ନିଷ୍ପତ୍ତି ଯୋଗାଣ ବିଭାଗ ଏମ୍‌ଡି ନେବେ ।




## ଅସଦାଚରଣ ଉଦ୍ୟମ କରି ବନ୍ଧାହେଲେ ଯୁବକ

ବୈଶିଙ୍ଗା,୨୬।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବିଘ୍ନେଶ୍ୱର ସ୍ୱାଇଁ। ବୁଧବାର ରାତିରେ ବିଘ୍ନେଶ୍ୱର ମହିଳାଙ୍କ ଘରେ ପଶି ଅସଦାଚରଣ ଉଦ୍ୟମ କରିଥିଲେ। ମହିଳା ଜଣକ କୌଶଳ କ୍ରମେ ଖସି ଆସି ବାହାରପଟୁ ତାଲା ପକାଇ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପହଞ୍ଚି ବିଘ୍ନେଶ୍ୱରଙ୍କୁ କାବୁ କରି ମାଣଡ୍ରୀ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ସୂଚନା ଅନୁଯାୟୀ ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଘରେ କେହି ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ଘରେ ପଶି ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ. ୨୪୮/୨୧) ରୁଜୁ ହୋଇଛି।

## ଜିଆର୍‌ଏସ୍‌ଙ୍କ ବଦଳି ଦାବି

### ବିଡିଓଙ୍କୁ ଭେଟିଲେ ପଞ୍ଚାୟତବାସୀ

ରୂପସା, ୨୬।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବାସୁଚକୁରାଇ ପଞ୍ଚାୟତର କାର୍ଯ୍ୟରତ ଜିଆର୍‌ଏସ୍‌ଙ୍କ ବଦଳି ଦାବି ହୋଇଛି। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି କରୁଥିବା ଅଭିଯୋଗ ମୁତାବକ ତାଙ୍କୁ ତୁରନ୍ତ ଏହି ପଞ୍ଚାୟତରୁ ବଦଳି କରାଯାଉ ବୋଲି ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ସମିତିସଭ୍ୟ ଶମ୍ଭୁନାଥ ସିଂଙ୍କ ସମେତ ପଞ୍ଚାୟତବାସୀ ବସ୍ତା ବିଡ଼ିଓଙ୍କୁ ଗୁରୁବାର ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସେ ଅର୍ଥ ଆତ୍ମସାତ କରିବା ସହିତ ମୋ ବଗିଚାର ଅର୍ଥକୁ ବଣ୍ଟନ ନ କରି ନିଜ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି। ସେହିପରି ଆବାସ ଯୋଜନା ଦେବାକୁ କହି ଲୋକଙ୍କଠାରୁ ଅର୍ଥ ନେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବେଖାତିର କରି ସମସ୍ତ ବିକାଶ କାର୍ଯ୍ୟକୁ ମଧ ବାଟବଣା କରୁଥିବା ବିଡ଼ିଓଙ୍କୁ ଅବଗତ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ବ୍ଲକ କିଷାନ କଂଗ୍ରେସ ସଭାପତି ନରେନ୍ଦ୍ର ଦାସ, ମାୟାଧର ବେହେରା, ନଟବର ଦାସ, ରତନ ହାସଦା, ପଞ୍ଚାୟତ ଯୁବ କଂଗ୍ରେସ ସଭାପତି ବିଶ୍ୱ ରଞ୍ଜନ ଦାସ, ଗୈରାଙ୍ଗ ବେହେରା, ଅଜୟ ଦାସଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଆର୍‌ଏସ୍ ଦୀପକ ରାଉତଙ୍କୁ ପଚରାଯିବାରୁ ସେ କହିଛନ୍ତି, ପଞ୍ଚାୟତ କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ବେଆଇନ କାର୍ଯ୍ୟ କରିବାକୁପ୍ରବର୍ତ୍ତାଉଥିଲେ। ସେଥିରେ ରାଜି ନ ହୋଇ ସରକାରୀ ଗାଇଡଲାଇନ ମୁତାବକ କାର୍ଯ୍ୟ କରିବାରୁ ଆକ୍ରୋଶମୂଳକ ଭାବେ ମିଥ୍ୟା ଅଭିଯୋଗ ଅଣାଯାଇଛି।

## ସ୍ୱାମୀ ମୃତ, ସ୍ତ୍ରୀ ଆହତ

### ସ୍କୁଟିକୁ ଧକ୍କା ଦେଲା କଣ୍ଟେନର

ରୂପସା, ୨୬।୮(ଡି.ଏନ.ଏ.)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ସଦର ଥାନା ହଳଦୀପଦା ଫାଣ୍ଡି ଅଧୀନ ନିଧିପଣ୍ଡା ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ଯୋଗେ ସ୍ତ୍ରୀ, ସ୍ୱାମୀ ବାଲେଶ୍ୱରରୁ ଘରକୁ ଫେରିବା ବେଳେ ଏକ କଣ୍ଟେନର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍ୱାମୀଙ୍କର ମୃତ୍ୟୁ ହୋଇଥିବା ବେଳେ ଆହତ ସ୍ତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ଯୁବକ ହେଲେ ରୂପସା ଥାନା କସିପଦା ଗ୍ରାମର ତପନ ସେଠୀ (୨୯)। ବାଲେଶ୍ୱରରେ ସାନଭାଇଙ୍କ ଘରେ ପୁଅକୁ ଛାଡି ତପନ ସ୍କୁଟିରେ ସ୍ତ୍ରୀ ସହ ଘରକୁ ଫେରୁଥିଲେ। ପଛପଟୁ ଦ୍ରୁତବେଗରେ ଆସୁଥିବା ଏକ କଣ୍ଟେନର (ନଂ. ଆର୍‌ଜେ୨୭ଜିସି–୬୫୦୨) ଭାରସାମ୍ୟ ହରାଇ ସ୍କୁଟି ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ଫାଣ୍ଡି ଅଧିକାରୀ ରାଧାଗୋବିନ୍ଦ ମଲୁଆଳ ଥାନା କର୍ମଚାରୀଙ୍କ ସହ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତପନ ଓ ତାଙ୍କ ସ୍ତ୍ରୀଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତପନଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୨୯୨/୨୧) ରୁଜୁ କରି କଣ୍ଟେନର ମ୍ୟାନେଜରଙ୍କୁ ଅଟକ ରଖିଛି।

## ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ସ୍ମାରକପତ୍ର


ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଅଫିସ, ୨୬।୮

ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ହସପିଟାଲରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଚାରିଟେବଲ୍ ଟ୍ରଷ୍ଟ ତରଫରୁ ଏକ ପ୍ରତିନିଧି ଦଳ ଗୁରୁବାର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହସ୍‌ପିଟାଲରେ ହୃଦ୍‌ରୋଗ, ସ୍ନାୟୁ, ମୂତ୍ର, ନାଶା, ଗଳା, କର୍ଣ୍ଣ ବିଭାଗରେ ସ୍ଥାୟୀ ବିଶେଷଜ୍ଞ ନିଯୁକ୍ତି ଦେବା ସହ ସମସ୍ତ ବିଭାଗର ନିଯୁକ୍ତି ଡାକ୍ତରଙ୍କୁ ରୋଗୀଙ୍କ ସେବାରେ ବିନିଯୋଗ କରିବା ଦିଗରେ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ରୋଗୀମାନଙ୍କୁ କଟକ ବା ଭୁବନେଶ୍ୱରକୁ ସ୍ଥାନାନ୍ତର ନ କରାଯାଇ ଏଠାରେ ଚିକିତ୍ସା କରାଯିବା ପାଇଁ ଦାବି କରାଯାଇଛି। ସେହିପରି ସ୍ଥାନାନ୍ତର ବା ମୃତ୍ୟୁର ନିରାକରଣ ପାଇଁ ମାସିକ ରିଭ୍ୟୁ ବୈଠକ ସହ ତୁରନ୍ତ ଏକ ଇକମୋ ମେଶିନ୍ ସ୍ଥାପନ କରିବାକୁ ଅନୁରୋଧ କରାଯାଇଛି। ପ୍ରତିନିଧି ଦଳରେ ସଭାନେତ୍ରୀ ଡ. ମୀରା ପତି, ସମ୍ପାଦକ ପ୍ର. ଅନନ୍ତ ପ୍ରଧାନ, ଉପେନ୍ଦ୍ର ପାତ୍ର, ଦୀନବନ୍ଧୁ ଲେଙ୍କା, ରତ୍ନାକର ଦାସ, ପୁରସ୍ତମ ବେହେରା, ରବି ପାଣିଗ୍ରାହୀ, ମନୋରଞ୍ଜନ ନାୟକ ତଥା ଜିଲା କମିଟି ତରଫରୁ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଉପସ୍ଥିତ ଥିଲେ।

## ପ୍ରତିଭା ସମ୍ମାନ ସମାରୋହ


ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

ଭଣ୍ଡାରିପୋଖରୀ ,୨୬।୮(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମହୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ନିର୍ଗୁଣ୍ଡି ପଞ୍ଚାୟତ ସରପଞ୍ଚ ନମିତା ପାତ୍ର, ମୁଖ୍ୟବକ୍ତା ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ଶିକ୍ଷା ସଂଯୋଜକ ରଞ୍ଜନ ମହାନ୍ତି ଓ ପରିଚାଳନା କମିଟି ସଭାପତି ପ୍ରଭାତ ଜେନା ଯୋଗ ଦେଇଥିଲେ। ନିରବଚ୍ଛିନ୍ନ ଉଦ୍ୟମ ଓ କଠିନ ଅଧ୍ୟବସାୟ ଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ଅତିଥିମାନେ ବିଦ୍ୟାର୍ଥୀମାନଙ୍କୁ କହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପୁରସ୍କାର ସହ ମାସ୍କ ବଣ୍ଟନ କରିଥିଲେ। ତପସ୍ୱିନୀ ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୋକାନ ତାଲା ଭାଙ୍ଗି ସାର ଚୋରି

ଭଣ୍ଡାରିପୋଖରୀ, ୨୬।୮ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଓ ଧାମନଗର ଥାନା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଥାନା ଅଧୀନ ବାରିକପୁର ବଜାରରେ ଏକ ସାର ଦୋକାନରୁ ଚୋରି ହୋଇଛି। ଚୋରମାନେ ଦୋକାନ କବାଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାର ଓ କୀଟନାଶକ ଚୋରି କରିନେଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଶତାଧିକ ବସ୍ତା ସାର, ୨୦ରୁ ଅଧିକ କୀଟନାଶକ ପେଟି ସହ ନଗଦ କିଛି ଟଙ୍କା ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

## ହେମସାଗର ପୋଖରୀ ସୀମା ନିର୍ଦ୍ଧାରଣ ଦାବି

ବାରିପଦା ଅଫିସ,୨୬।୮

ବାରିପଦାସ୍ଥିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ସ୍ନାନ ଓ ଚନ୍ଦନଯାତ୍ରା ପାଇଁ ଉଦ୍ଦିଷ୍ଟ ହେମସାଗର ପୋଖରୀର ସୀମା ନିର୍ଦ୍ଧାରଣ ପାଇଁ ମନ୍ଦିର ମଠ ସୁରକ୍ଷା ସମିତି ପକ୍ଷରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ସଦର ଉପଜିଲାପାଳ ତଥା ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସଙ୍କୁ ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ, ୫–ଟି ସଚିବ, ଦେବୋତ୍ତର ବିଭାଗ କମିଶନର ଓ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏହା ସହିତ ମନ୍ଦିରର ଦୈନିକ ନୀତିକାନ୍ତିରେ ବିଳମ୍ବତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାବଳୀ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି । ୧୨ବର୍ଷ ଧରି ଏହି ପୋଖରୀଟି ଅବହେଳିତ ଏବଂ ଅପରିଷ୍କାର ଭାବେ ପଡ଼ି ରହିଥିଲା । ମ୍ୟୁନସିପାଲିଟି ପକ୍ଷରୁ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ଏପରିକି ପୋଖରୀ ଚାରିପଟେ ରହିଥିବା ଘର ଓ ଚିକିତ୍ସାକେନ୍ଦ୍ରରୁ ନିର୍ଗତ ଅପରିଷ୍କାର ପାଣି ପୋଖରୀ ମଧ୍ୟକୁ ପ୍ରବେଶ କରିବାରୁ ଦୂଷିତ ଜଳ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ପ୍ରତିବର୍ଷ ଚନ୍ଦଯାତ୍ରା ସମୟରେ ଠାକୁରଙ୍କ ଚାପଖେଳ ହେଉଥିବା ବେଳେ ଏହି ଦୂଷିତ ପାଣିକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥାଏ। ପୋଖରୀ ଚାରିପଟେ ଜବରଦଖଲ କରିଥିବା ବ୍ୟକ୍ତିମାନେ ନିଜର କାୟା ବିସ୍ତାର କରିଚାଲିଛନ୍ତି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସମିତିର ସଦସ୍ୟ ଭାନୁମିତ୍ର ଆଚାର୍ଯ୍ୟ, ଲମ୍ବୋଦର ରଣା,ନଳିନୀକାନ୍ତ ବିଷାଣୀ, କାର୍ତ୍ତିକ ରଣା,କାମେଶ୍ୱର ରଣା, ମନୋଜ ପତି ପ୍ରମୁଖ ଦାବି କରିଛନ୍ତି ।

## ଶିକ୍ଷକ କୋର୍ଟଚାଲାଣ

### ଖଇରା ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା

ଖଇରା, ୨୬।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାରିକସାହି ଆଦର୍ଶ ସଂସ୍କୃତ ବିଦ୍ୟାଳୟର ସହକାରୀ ଶିକ୍ଷକ ମଳିହା ଗ୍ରାମର ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ଏକ ପୁରୁଣା କେସ୍‌ରେ ପୋଲିସ ଉଠାଇ ନେଇ ବୁଧବାର ଏକତରଫା ଭାବେ କୋର୍ଟଚାଲାଣ କରିଛି। ହେଲେ ରବୀନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଖଇରା ପୋଲିସ ଚୁପ୍ ରହିବା ପ୍ରତିବାଦରେ ସ୍ତ୍ରୀ ସାବିତ୍ରୀ ମହାନ୍ତି ତଥା ମଳିହା ଗ୍ରାମର ଶତାଧିକ ବାସିନ୍ଦା ଗୁରୁବାର ଖଇରା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଅସଦାଚରଣ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୪୮ଘଣ୍ଟା ମଧ୍ୟରେ ଗିରଫ କରିବାକୁ ଆଇଆଇସି, ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ଯୋଡ଼ା,୨୬।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବଡ଼କାଳିମାଟି ଗ୍ରାମରୁ ପୋଲିସ ଗୁରୁବାର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଘରୁ ଜବତ କରିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ନାବାଳିକା ଜଣକ ତାଙ୍କ ଭାଇଙ୍କ ସହିତ ଘରେ ରହୁଥିଲେ। ଗୁରୁବାର ସକାଳେ ନାବାଳିକା ଜଣକ ଶୋଇଥିବା ଘରର କବାଟ ବିଳମ୍ବିତ ସକାଳ ପର୍ଯ୍ୟନ୍ତ ଖୋଲି ନ ଥିବାରୁ ପଡ଼ୋଶୀ ଲୋକେ ଆସି କବାଟ ଖୋଲିବା ପାଇଁ ଉଦ୍ୟମ କରିଥିଲେ ମାତ୍ର ଭିତରପଟୁ କବାଟ ବନ୍ଦ ଥିଲା। ଘର ଭିତରେ ନାବାଳିକାଙ୍କ ମୃତଦେହ ବେକରେ ଓଢଣୀ ସାହାଯ୍ୟରେ ଫାଶି ଲାଗି ଝୁଲୁଥିବା ଦେଖିବାକୁ ପାଇଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ନାବାଳିକାଙ୍କ ମୃତଦେହକୁ ଉଦ୍ଧାର କରିଛି । ପୋଲିସ ନାବାଳିକାଙ୍କ ବିଛଣାରୁ ଜଣେ ବ୍ୟକ୍ତିଙ୍କ ମନିପର୍ସ ଓ ଭୋଟର ପରିଚୟପତ୍ର ପାଇବା ପରେ ଏନେଇ ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ଜଣାପଡିନାହିଁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୧) ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ବାମେବାରୀ ଥାନା ଅଧିକାରୀ ଅମିତ କୁମାର ଭୂୟାଁ ପ୍ରକାଶ କରିଛନ୍ତି।

## ବେଆଇନ ଘର ନିର୍ମାଣ ଉଚ୍ଛେଦ ଦାବି ତେଜିଲା

କେନ୍ଦୁଝର, ୨୬।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡା ତହସିଲ ଅନ୍ତର୍ଗତ ସିଲିପଦା ପଞ୍ଚାୟତ ଅନ୍ତର୍ଗତ ସିଲିପଦା ଗାଁ ରେ ସରକାରୀ ଜମିରେ ଜଣେ ବ୍ୟକ୍ତି ବେଆଇନଭାବେ ଘର ନିର୍ମାଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ନିର୍ମାଣ ଯୋଗୁ ଯାତାୟାତ ପଥ ଅବରୋଧ ହୋଇଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଉକ୍ତ ଘର ଉଚ୍ଛେଦ କରିବା ପାଇଁ ଗ୍ରାମାବାସୀ ଦାବି କରିଛନ୍ତି। ଏନେଇ ସାହାରପଡ଼ା ତହସିଲଦାର ବାବାଜି ସିଂ କହିଛନ୍ତି, ଅଭିଯୋଗ ପରେ ଉକ୍ତ ଜମି ମାପଚୁପ କରାଯାଇଛି। ଏହାର ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ।

# ବଢ଼ିଲା ଚାଷୀଙ୍କ ସଂଖ୍ୟା

### ଖରିଫ ଧାନ ବିକ୍ରି ଲାଗି ପଞ୍ଜୀକରଣ

ବାରିପଦା ଅଫିସ,୨୬।୮

ଚଳିତ ଖରିଫ ଋତୁରେ ଉତ୍ପାଦିତ ଧାନ ସରକାରୀ ମଣ୍ଡିରେ ବିକ୍ରି କରିବା ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ମୟୂରଭଞ୍ଜ ଜିଲାରେ ମୋଟ ୬୯,୨୯୩ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଗତ ଜୁଲାଇ ୧୫ରୁ ଚାଷୀଙ୍କ ନାମ ପଞ୍ଜୀକରଣ ଆରମ୍ଭ ହୋଇ ହୋଇଥିଲା। ଅଗଷ୍ଟ ୧୬ତାରିଖ ମଧ୍ୟରେ ଚାଷୀମାନେ ସମବାୟ ସମିତିରେ ଉପସ୍ଥିତ ରହି ନିଜର ନାମ ପଞ୍ଜୀକରଣ କରିଥିଲେ। ଏହା ସତ୍ତ୍ୱେ ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କ ଘରକୁ ଯାଇ ଅଗଷ୍ଟ ୨୩ ମଧ୍ୟରେ ଜିଲାର ୫୨ଟି ସମବାୟ ସମିତି ପକ୍ଷରୁ ନାମ ପଞ୍ଜୀକରଣ ସମ୍ପୂର୍ଣ୍ଣ କରାଯାଇଛି ବୋଲି ଡିଆର୍‌ସିଏସ୍ ଦମୟନ୍ତୀ ସିଂ କହିଛନ୍ତି ।

ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଖରିଫ ଫସଲ ଖସଡ଼ା ୪ ଲକ୍ଷ ୩୭ହଜାର ହେକ୍ଟର ହୋଇଥିବା ବେଳେ ଧାନ ଚାଷ ପାଇଁ ୨ ଲକ୍ଷ ୭୯ ହଜାର ୩ଶହ ହେକ୍ଟର ରହଛି। ୩ଲକ୍ଷ ୭୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ଚାଷ କରୁଥିଲେ ହେଁ ବଳକା ବା ବିକ୍ରିଯୋଗ୍ୟ ଧାନକୁ ଚାଷୀ ବିକ୍ରି କରିଥାନ୍ତି। ସରକାରଙ୍କ ପକ୍ଷରୁ ଜିଲା ଯୋଗାଣ ବିଭାଗର ତତ୍ତ୍ୱାବଧାନରେ ଜିଲାର ୫୨ଟି ଲ୍ୟାମ୍ପସ୍ ଅଧୀନରେ ୧୦୦ଟି କେନ୍ଦ୍ର(ମଣ୍ଡି)ରେ ଚାଷୀଙ୍କଠାରୁ ଡିସେମ୍ବର ମାସ ମଧ୍ୟ ଭାଗରୁ ଧାନକିଣା ଆରମ୍ଭ ହୋଇଥାଏ। ଗତବର୍ଷ ୨୧ହଜାର ୫୬୩ଜଣ ନୂତନ ଓ ୨୫ହଜାର ୩୯୧ଜଣ ଚାଷୀ ସେମାନଙ୍କ ନାମ ନବୀକରଣ କରିଥିଲେ । ମୋଟ ପଞ୍ଜୀକୃତ ୫୬ହଜାର ୯୫୪ଜଣ ଚାଷୀଙ୍କ ମଧ୍ୟରୁ ୪୪ହଜାର ୨୮୧ଜଣ ୧୭ ୮୨୦ ୬୬.୩୧କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ତେବେ ଗତବର୍ଷ ତୁଳନାରେ ଚଳିତ ବର୍ଷ ୧୨ହଜାର ୩୩୯ଜଣ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। କାରଣ ଏଥର ସମ୍ପୂର୍ଣ୍ଣ ନୂତନ ପଦ୍ଧତିରେ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି ବୋଲି ଚାଷୀ ହରିହର ମାହାନ୍ତା କହିଛନ୍ତି। ପଞ୍ଜୀକରଣ ସହିତ ଆଧାର କାର୍ଡ଼, ବ୍ୟାଙ୍କ ପାସବହି ଓ ଚାଷ ଜମିର ବିବରଣୀର ନକଲ ଦେଇଛନ୍ତି ବୋଲି ମାଣଡ୍ରୀ ଅଞ୍ଚଳର ଚାଷୀ ଶିବନାରାୟଣ ପତି ପ୍ରକାଶ କରିଛନ୍ତି । ଚଳିତ ଥର ସମବାୟ ସମିତିରେ ଏକ ହେଲ୍ପ ଡ଼େସ୍କ ଚାଷୀଙ୍କୁ ସହାୟତା କରିଛି ବୋଲି ଲ୍ୟାମ୍ପସ୍ ନିର୍ଦ୍ଦେଶକ ମହାଦେବା ସିଂ କହିଛନ୍ତି । ତେବେ ଚଳିତ ଥର ଚାଷଜମି ମାଲିକଙ୍କ ସହିତ ଚାଷୀଙ୍କ ସମ୍ପର୍କ ସ୍ଥାପନ ନିମନ୍ତେ ଅଧାର, ରାଶନକାର୍ଡ଼ ନକଲ ଦାଖଲ ନେଇ ଦେଖା ଦେଇଥିବା ବିବାଦ ପରବର୍ତ୍ତୀ ସମୟରେ ସମାଧାନ ହୋଇଥିବାରୁ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି । ଫଳରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି।

# ଆଇଆଇଟି ହାଇଦ୍ରାବାଦ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
- ପାଣି ତଥ୍ୟରେ ରହୁନାହିଁ ତାଲମେଳ
- ଚାଷ ପାଇଁ ଚାଷୀଙ୍କୁ ମିଳିବ ନାହିଁ ମଧୁର ଜଳ

କେନ୍ଦ୍ରାପଡ଼ା ଅଫିସ, ୨୬।୮

ଖରସ୍ରୋତା ନଦୀରୁ ପାଣି ଉଠାଇବା ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆଇଆଇଟି ହାଇଦ୍ରାବାଦର ସର୍ଭେ ରିପୋର୍ଟକୁ ଆୟୁଧ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ କଳ, ବଳ ଓ କୌଶଳ ଲଗାଇ ଖରସ୍ରୋତା ନଦୀରୁ ଜଳ ଉଠାଇବା ପାଇଁ ବରୁଣାଡିହାରେ କୂଅ ନିର୍ମାଣ କରୁଛନ୍ତି। ତେବେ ଏହି ରିପୋର୍ଟ ସମ୍ପୂର୍ଣ୍ଣ ମିଛ ଦର୍ଶାଇ ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ୧୭ ଦିନ ହେବ ଅନଶନରେ ଅଛନ୍ତି। ରିପୋର୍ଟକୁ ଆଧାର କରି ଜୋନ୍ କମିଟିରେ ପ୍ରକଳ୍ପ ମଞ୍ଜୁରୀକୁ ତୁରନ୍ତ ଖାରଜ କରି ଏକ ସ୍ୱତନ୍ତ୍ର ବୈଷୟିକ କମିଟି ଅନୁଧ୍ୟାନ କରନ୍ତୁ ବୋଲି ସେ ଦାବି ରଖିଛନ୍ତି। ଅପରପକ୍ଷରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ଦୁଇବର୍ଷ ଧରି ଆନ୍ଦୋଳନ କରୁଥିବା ବେଳେ ଗତ ୧୦ ତାରିଖରୁ ଏହା ତୀବ୍ର ହୋଇଛି। ଏପରି କି ଆଇନ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ୨୪ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିଛି। ପ୍ରକଳ୍ପ ପରେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସହିତ କୃଷି କ୍ଷେତ୍ର ପ୍ରଭାବିତ ହେବ ବୋଲି ସେମାନେ ଦାବି କରିଛନ୍ତି।

ଶ୍ରୀକାନ୍ତ କହିଛନ୍ତି, ୨୦୧୮ରେ ଭଦ୍ରକ ଜିଲାର ତିହିଡି, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବ୍ଲକର ୯୧ ପଞ୍ଚାୟତ ପାଇଁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ମଞ୍ଜୁରୀ ପାଇଥିଲା। ପ୍ରାଥମିକ ଅବସ୍ଥାରେ ଏହି ପ୍ରକଳ୍ପ ଭଦ୍ରକ ଜିଲା ଆଖୁଆପଦାଠାରୁ ବୈତରଣୀ


ରାଜକନିକା ବରୁଣାଡିହାରେ ମେଗା ପାନୀୟଜଳ ପ୍ରକଳ୍ପ କାମ ଚାଲିଛି।

ନଦୀ ଜଳ ଉଠାଇବାକୁ ଥିବା ବେଳେ ୨୦୧୯ରେ ଚାନ୍ଦବାଲି ବ୍ଲକ ନୂଆହାଟରେ ଜଳ ବିଶୋଧନ ପ୍ଲାଣ୍ଟ ଓ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଇବାକୁ ନିଷ୍ପତ୍ତି ହୋଇଛି। ଉଭୟ ସ୍ଥାନ ଭିତରକନିକା ଇକୋ ସେନ୍ସିଟିଭ ଜୋନ୍‌ରେ ଥିବାରୁ ଜୋନ୍ ମନିଟରିଂ କମିଟି ବୈଠକରେ ବିରୋଧ ହୋଇଛି। ତେବେ ପ୍ରକଳ୍ପ ପରେ ଭିତରକନିକା ପରିବେଶ ପ୍ରତି ବିପଦ ନ ଥିବା ଦର୍ଶାଇ ଆଇଆଇଟି ହାଇଦ୍ରାବାଦର ୧୭୩ ପୃଷ୍ଠାର ରିପୋର୍ଟରେ ବହୁ ଭ୍ରମାତ୍ମକ ତଥ୍ୟ ରହିଛି। ପ୍ରକଳ୍ପ ରିପୋର୍ଟର ପ୍ରଥମ ଅଂଶରେ ନିର୍ମାଣ ସମୟରେ ସତର୍କତା ସମ୍ପର୍କରେ ଉଲ୍ଲେଖ ଥିବା ବେଳେ ଶେଷ ୧୫ ପୃଷ୍ଠା ଭିତରକନିକା ସମ୍ପର୍କିତ କେତେକ ତଥ୍ୟ ୱେବ୍‌ରୁ ଆଣି ଯୋଡା ଯାଇଛି। ଏହି ପ୍ରକଳ୍ପ ପାଇଁ ରିପୋର୍ଟରେ ଭିତରକନିକା ଜୈବ ବିବିଧତା ପ୍ରଭାବ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଇନାହିଁ। ଏ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କର୍ତ୍ତା କେବେ ଆସିଥିଲେ ଓ ଏ ନେଇ କିଏ ଖର୍ଚ୍ଚ କରିଥିଲା, କାହା ଆଦେଶ ଦ୍ୱାରା ରିପୋର୍ଟ ପ୍ରସ୍ତୁତ ହୋଇଛି ଏବଂ କେତେ ପରିମାଣ ଟଙ୍କା ଖର୍ଚ୍ଚ ହୋଇଛି, ସେନେଇ କୌଣସି ତଥ୍ୟ ଜିଲା ପ୍ରଶାସନ ନିକଟରୁ ମିଳୁନାହିଁ। ଏପରି କି ରିପୋର୍ଟରେ ପ୍ରସ୍ତୁତକର୍ତ୍ତାଙ୍କ ଫଟୋ ଦସ୍ତଖତ ଅଛି। ସେହିପରି କମିଟିରେ ନ ଥିବା ସଭ୍ୟମାନଙ୍କ ଦସ୍ତଖତ ଦ୍ୱାରା ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ସେହିପରି ଗ୍ରାମାଞ୍ଚଳ ଲୋକଙ୍କ ପିଇବା ଓ ଖର୍ଚ୍ଚ ପାଇଁ ଦୈନିକ ୪୦ ଲିଟର ପାଣି ଆବଶ୍ୟକତା ଥିବା ରାଜୀବ ଗାନ୍ଧୀ ଡ୍ରିଙ୍କିଙ୍ଗ ୱାଟର ମିଶନରେ ଉଲ୍ଲେଖ ଅଛି। ଏହି ହିସାବରେ ଦୈନିକ ୨୫ ମିଲିୟନ ଲିଟର ପାଣି ଉଠାଇବା ପାଇଁ ଦରକାର ଥିବା ବେଳେ ୧୪୨ ମିଲିୟନ ଲିଟର ଉଠାଯିବ ବୋଲି ଡିପିଆର ହୋଇଛି। ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଚନ୍ଦ୍ର ଦାସ, କର୍ମକର୍ତ୍ତା ସବିତା ବରଜ ପ୍ରମୁଖ କହିଛନ୍ତି, ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ମୋଟ ୪୮,୭୯୫ ହେକ୍ଟର ଚାଷ ଜମି ଅଛି। ତେବେ ଏଥିପାଇଁ ଏହି ଦୁଇ ବ୍ଲକ ଅଞ୍ଚଳରେ ଗୋଟିଏ ଇଞ୍ଚ ମଧ୍ୟ କେନାଲ ନାହିଁ। ଖରସ୍ରୋତା ନଦୀ ଜଳକୁ ନାଳ ଓ ଉଠା ଜଳସେଚନ ମାଧ୍ୟମରେ ୧୦,୬୧୭ ହେକ୍ଟର ଅଞ୍ଚଳ ଚାଷ ହେଉଛି। ଜିଲା କୃଷି ବିଭାଗ ସର୍ଭେ ରିପୋର୍ଟରେ ଚାଷ ସମୟରେ ୦.୪୬୫ ବିଲିୟନ କ୍ୟୁବିକ ମିଟର ଜଳ କମ୍ ରହୁଛି। ଏଥିସହିତ ଭିତରକନିକା ବନାଞ୍ଚଳରେ ୪୧୦ ଗ୍ରାମ ରହିଛି। ପ୍ରାୟ ୧ ଲକ୍ଷ ଲୋକ ଚାଷ ସହିତ ଜଡ଼ିତ। ଖରସ୍ରୋତାର ମଧୁର ଜଳ ଭଦ୍ରକ ଅଞ୍ଚଳକୁ ଗଲେ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ। ଅଣମୌସୁମୀ ସମୟରେ ଚାଷ ସହିତ ପାନୀୟ ଜଳ ସମସ୍ୟା ଗୁରୁତର ହେବ। ଏ ନେଇ ଆଇଆଇଟି ହାଇଦ୍ରାବାଦ ରିପୋର୍ଟରେ କୌଣସି ତଥ୍ୟ ନାହିଁ ବୋଲି ସେମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ସର୍ବୋଦୟ ସଂକଳ୍ପ ଶିବିର

ରସାଲପୁର, ୨୬।୮ (ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତ ଅଚ୍ୟୁତାସାଗର ବାତ୍ୟା ଆଶ୍ରୟସ୍ଥଳୀରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ତରଫରୁ ଆୟୋଜିତ ଦୁଇଦିନିଆ ସର୍ବୋଦୟ ସଂକଳ୍ପ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଜିଲାକୁ ନେଇ ଅନୁଷ୍ଠିତ ଏହି ଜୋନ୍‌ସ୍ତରୀୟ ଶିବିରରେ ବୁଧବାର ସଙ୍ଗଠନର ରାଷ୍ଟ୍ରୀୟ ଅଧକ୍ଷା ମିନାକ୍ଷୀ ନଟରାଜନ୍ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଶହୀଦ ସ୍ତମ୍ଭ ନିକଟରୁ ଶୋଭାଯାତ୍ରାରେ ବାହାରି ଶିବିର ସ୍ଥଳରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରାଯାଇ ଶିବିର ଆରମ୍ଭ ହୋଇଥିଲା। ବରିଷ୍ଠ ନେତୃବର୍ଗମାନେ ସମାଜର ସର୍ବୋଦୟ ଉନ୍ନତି ତଥା ମୁଖ୍ୟସ୍ରୋତରେ ସାମିଲ ହେବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଗୁରୁବାର ପ୍ରଭାତ ଫେରି ଓ ଗ୍ରାମ ସଫେଇ ପରେ ପଞ୍ଚାୟତସ୍ତରୀୟ ସଙ୍ଗଠନର ପୁନଃ ନିର୍ମାଣ ସମ୍ବନ୍ଧରେ ଆଲୋଚନା କରାଯିବା ସହ ଗ୍ରାମବାସୀଙ୍କ ତରଫରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଙ୍ଗଠନ କର୍ମକର୍ତ୍ତାମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଓଡ଼ିଶା ପ୍ରଭାରୀ କୁନାଲ ବାନାର୍ଜୀ, ଜିଲା ସଭାପତି ସଞ୍ଜୀବ ଗିରି, ପ୍ରଫେସନାଲ କଂଗ୍ରେସର ରାଜ୍ୟ ସଭାନେତ୍ରୀ ମମତା କୁଣ୍ଡୁ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ସଂଯୋଜକ ନୀରଜ ଲୋଚନ ଦାସ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ସଜନାଗଡ଼, ୨୬।୮ (ଡି.ଏନ.ଏ.)-ନୀଳଗିରି ବ୍ଲକ ବରହମପୁର ବିଣାପାଣୀ କ୍ଲବ ପରିସରରେ ଫିଏଟ୍ ଲକ୍ସ କ୍ଲବ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଲାୟନ୍ସ ଚକ୍ଷୁ ହସ୍‌ପଟାଲ ବାଲେଶ୍ୱର ସହଯୋଗରେ ଆୟୋଜିତ ହୋଇଥିଲା। ବରହମପୁର ମେଡିକାଲ ଅଫିସର ଡା. ସୁରଜ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ବିନା ମୂଲ୍ୟରେ ଶିବିରରେ ୧୩୦ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୨୯ଜଣ ଆଖି ଅସ୍ତ୍ରୋପଚାର ପାଇଁ ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସ୍‌ପିଟାଲକୁ ପଠାଇ ଦିଆଯାଇଛି। କ୍ଲବ ସଭାପତି ଉଦୟଜ୍ୟୋତି ମହାନ୍ତି, ସମ୍ପାଦକ ସବ୍ୟସାଚୀ ମହାପାତ୍ର, ସଦସ୍ୟ ରାଜେନ୍ଦ୍ର ଜେନା ଓ ଯଶୋବନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତୃତୀୟ ସ୍ଥାନରେ ମୟୂରଭଞ୍ଜର ସିଦ୍ଧି ବିନାୟକ
### ରାଜ୍ୟସ୍ତରୀୟ ବିଜ୍ଞାନମେଳା

ବୈଶିଙ୍ଗା, ୨୬।୮ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସିଦ୍ଧି ବିନାୟକ ଜେନା ରାଜ୍ୟସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତାରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ସମଗ୍ର ଜିଲା ପାଇଁ ଗୌରବର ବିଷୟ ହୋଇଥିବା ବେଳେ ସମ୍ପୃକ୍ତ ଛାତ୍ରଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଜ୍ଞାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ମାର୍ଗ ଦର୍ଶନରେ 'ଅତ୍ୟାଧୁନିକ ସୌର ଶକ୍ତି ବିନିଯୋଗରେ ଶସ୍ୟ ସଂରକ୍ଷଣ ପଦ୍ଧତି' ପ୍ରଦର୍ଶନ କରି ସିଦ୍ଧି ବିନାୟକ ଏହି ସଫଳତା ହାସଲ କରିଛନ୍ତି। ପ୍ରଦୂଷଣ ରହିତ ପ୍ରାକୃତିକ ସମ୍ପଦର ସୁବିନିଯୋଗ କରି ଖାଦ୍ୟଶସ୍ୟକୁ ଦୀର୍ଘ ଦିନ ଧରି ସ୍ୱଳ୍ପ ଖର୍ଚ୍ଚରେ ସଂରକ୍ଷିତ ରଖି ପାରୁଥିବା ପଦ୍ଧତି ବିଚାରକମଣ୍ଡଳୀଙ୍କୁ ବେଶ ଆକୃଷ୍ଟ କରି ପାରିଥିଲା। ଗତ ଜୁଲାଇ ମାସରେ କରୋନା କଟକଣାକୁ ଦୃଷ୍ଟିରେ ରଖି ଭର୍ଚୁଆଲ ମୋଡରେ ଆୟୋଜିତ ୨୦୨୦-୨୧ ଶିକ୍ଷା ବର୍ଷ ନିମନ୍ତେ ମୟୂରଭଞ୍ଜ ଜିଲରୁ ବଛା ବଛା ୫ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା।

### ନାଲଗୁଣ୍ଡାରେ କୃଷକଙ୍କୁ ତାଲିମ

ଚାନ୍ଦବାଲି, ୨୬।୮ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ବଡ଼ ଇଟାଗୋଠ ରାଜସ୍ୱ ଗ୍ରାମରେ ସରକାରଙ୍କ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଅନ୍ତର୍ଭୁକ୍ତ କୃଷକ ତାଲିମ ଶିବିର-୨୦୨୧ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୋଜ କୁମାର ଭଳ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ସହକାରୀ କୃଷି ବୈଷୟିକ ପ୍ରବନ୍ଧକ ପ୍ରଶାନ୍ତ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କୃଷି ବୈଜ୍ଞାନିକ ବିଶ୍ୱରଞ୍ଜନ ନାୟକ କୃଷକମାନଙ୍କୁ କୃଷି ସମ୍ବନ୍ଧୀୟ ବୈଷୟିକ ଜ୍ଞାନକୌଶଳ ବିଷୟରେ କହିଥିଲେ। ପ୍ରଶିକ୍ଷକ ବ୍ଲକର ସହକାରୀ କୃଷି ଅଧିକାରୀ ଦେବସ୍ମିତା ମିଶ୍ର, କୃଷି କ୍ଷେତ୍ର ସହଯୋଗୀ ଚୌଧୁରୀ ଜେନା ପ୍ରମୁଖ କୃଷକମାନଙ୍କୁ କୃଷିଜାତ ଫସଲ ଓ ରୋଗ ପୋକ ନିୟନ୍ତ୍ରଣ ସମ୍ପର୍କିତ ଜ୍ଞାନକୌଶଳ ଅବଗତ କରାଇଥିଲେ। ଗ୍ରାମ କୃଷିସେବକ ମୃତ୍ୟୁଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ। ଗ୍ରାମ୍ୟ କୃଷି ସେବକ ଜୟନ୍ତ କୁମାର ଜେନା ଓ ୱାର୍ଡମେମ୍ବର ଅଚିନ୍ତ ମାହୁନ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# 'ଆଉ ଏକ ସକାଳ'

ଜଳେଶ୍ୱର, ୨୬।୮ (ଡି.ଏନ.ଏ.)

ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଓ ବକ୍ତୃତାମାଳା ଆଲୋଚନା ତଥା 'ଆଉ ଏକ ସକାଳ' ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଜଳେଶ୍ୱରର ଶ୍ରୀଅରବିନ୍ଦ ଯୋଗ ମନ୍ଦିର ପରିସରରେ ରାଉରକେଲା ପ୍ରଗତି ଉତ୍କଳ ସଂଘ, ଦୀନକୃଷ୍ଣ ସାହିତ୍ୟ ସଂସଦ ଓ ଚିନ୍ତାନୁରାଗୀ ଆନୁକୂଲ୍ୟରେ ଏକ ଆଲୋଚନାସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଦୀନକୃଷ୍ଣ ସାହିତ୍ୟ ସଂସଦର ସଭାପତି ଇନ୍ଦୁମାଧବ ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଜୀବନ ବିଦ୍ୟାଳୟ ମାନବ ଜାତିର ମାର୍ଗଦର୍ଶକ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୁଳସ୍ଥିତ ଜୀବନ ବିଦ୍ୟାଳୟର ତତ୍କାଳୀନ ଛାତ୍ର ସୁରେଶ ଚନ୍ଦ୍ର ସେନ୍ ଶିକ୍ଷାରେ ଚିନ୍ତାଚେତନା, ଅଭିବୃଦ୍ଧି ଓ ଭବିଷ୍ୟତ କାର୍ଯ୍ୟପନ୍ଥାର ଏକ ବ୍ୟବସ୍ଥା ଓ ନକ୍ସା ରହିବା ଆବଶ୍ୟକ ବୋଲି କହିବା ସହିତ ଚିତ୍ତରଞ୍ଜନ ଦାସଙ୍କ 'ଜୀବନ ବିଦ୍ୟାଳୟ'ରେ ତାହା ପ୍ରତିଫଳିତ ହୋଇଥିବା କହିଥିଲେ। ସଂସଦର ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଗାନ୍ଧିସ୍ମୃତି କମିଟି ସଭାପତି ସୀତାଂଶୁ ସେନାପତି, ଶ୍ରୀଅରବିନ୍ଦ ଯୋଗମନ୍ଦିର ସଭାପତି ଡ. ଲଳିତ ରଞ୍ଜନ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। 'ଆଉ ଏକ ସକାଳ'କୁ ଅତିଥିମାନେ ଲୋକର୍ପିତ କରିଥିଲେ।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଲଙ୍ଗଳେଶ୍ୱର, ୨୬।୮ (ଡି.ଏନ.ଏ.)

ବାଲିଆପାଳ ବ୍ଲକ ବଣିଆଡିହା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା ଏବଂ ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଦାସ ବଣିଆଡ଼ିହା ପଞ୍ଚାୟତରେ ୧୯୬୭ ମସିହାରୁ କ୍ରମାଗତ ଭାବରେ ୩ ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେ ବାଲିଆପାଳ ଅଞ୍ଚଳର ଘାଟି ବିରୋଧୀ ଆନ୍ଦୋଳନର ଅନ୍ୟତମ ପୁରୋଧା ସାଜିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ନୀଳମଣି ରାଉତରାୟ, ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁ, ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ବାଗ, ବାଙ୍କ ବିହାରୀ ଦାସ, ପୂର୍ବତନ ବିଧାୟକ ତଥା ଜନନାୟକ ଗଦାଧର ଗିରିଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଥିଲେ। ୧୯୭୫ ମସିହା ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ସମୟରେ ଦାସଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଥିଲା। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବରିଷ୍ଠ ବିଜେଡି ନେତା ବଳରାମ ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଜିଲା ବିଜୁ କୃଷକ ଜନତା ଦଳର ସଭାପତି ଅଜୟ କୁମାର ସାମଲ, ଯୁବ ବିଜେଡି ନେତା ତୁଷାରକାନ୍ତ ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଆଇଟିଡିଏ କାର୍ଯ୍ୟାଳୟରେ ତାଲା ପକାଇଲେ

**ନିମ୍ନମାନର କାର୍ଯ୍ୟକୁ ନେଇ ଅସନ୍ତୋଷ**

ବାରିପଦା ଅଫିସ, ୨୬।୮

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ମାରାଙ୍ଗତାଣ୍ଡିରେ ଥିବା କଲଭର୍ଟ ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ତାହା ଏବେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଭାରୀଯାନ ଚଳପ୍ରଚଳ କଲେ ତାହା ଭୁଶୁଡ଼ିପଡ଼ିବା ସମ୍ଭାବନା ରହିଛି। ୨ବର୍ଷ ତଳେ ମରାମତି କାର୍ଯ୍ୟ କରାଯାଇଥିଲେ ହେଁ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ମରଣଯନ୍ତା ପାଲଟିଥିବା ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ଅଭିଯୋଗ କରି ଆଇଟିଡିଏ କାର୍ଯ୍ୟାଳୟ ଘେରାଉ କରିଥିଲେ। ଉକ୍ତ ୨୦୧୯ରେ ବିଭାଗ ପକ୍ଷରୁ ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ କଲଭର୍ଟ ମରାମତି କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ପାଇଁ ଏହାର ତଳ ଅଂଶ ଭାଙ୍ଗିଯାଇଥିବା ବେଳେ କେବଳ ଉପର ଅଂଶ ଝୁଲି ରହିଛି। ମୋର୍ଚ୍ଚାର ଜିଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ କର୍ମୀମାନେ ବାରିପଦା ଆଇଟିଡିଏ କାର୍ଯ୍ୟାଳୟରେ ତାଲା ପକାଇ ଘେରାଉ କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ଏବଂ ନିର୍ବାହୀ ଯନ୍ତ୍ରୀ ଗଣପତି ଜେନା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଜତ ହାଁସଦା, ଚନ୍ଦନ ସିଂ, ଈଶ୍ୱର ମାରାଣ୍ଡି, ଜଗନ୍ନାଥ ମହାନ୍ତ ଓ ରାଜୁ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ, ୧୨୦ ଲିଟର ମଦ ଜବତ

ବାରିପଦା ଅଫିସ, ୨୬।୮

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଖଡ଼ିଶୋଳ ପଞ୍ଚାୟତ କଞ୍ଚନନଗର ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ମଦ ପୋଚ ନଷ୍ଟ କରିଛି। ସୂଚନା ଅନୁଯାୟୀ, ମହୁଲରୁ ପ୍ରସ୍ତୁତ ମହୁଲୀ ମଦ ପ୍ରସ୍ତୁତି ପାଇଁ ଜିଲାରେ ୨୬ଟି ମଦଭାଟିକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏଥିରେ ମହୁଲଫୁଲକୁ ପୋଚ କରାଯାଇ ଦେଶୀ ମଦ ପ୍ରସ୍ତୁ କରାଯାଉଛି। ମାତ୍ର ଜଙ୍ଗଲାଞ୍ଚଳରେ ବେଆଇନ ମଦ ପ୍ରସ୍ତୁତ କରି ଚୋରାରେ ବିକ୍ରି ହେଉଥିବା ବେଳେ ଏହି ମଦକୁ ନୂଆ ଢାଞ୍ଚାରେ ପ୍ରସ୍ତୁତି କରାଯାଉଛି। ଚଢାଉ ବେଳେ ବଡ଼ ବଡ଼ ଡ୍ରମରେ ଗଚ୍ଛିତ କରି ରଖାଯାଇଥିବା ପୋଚ ମଧ୍ୟରେ ନାମିଦାମି ଫଳ ମିଶାଯାଇଥିଲା। ସେଓ, ଅଙ୍ଗୁର, କମଳା, ଡାଳିମ୍ବ, ପିଜୁଳି, ପାନମହୁରୀ, କାଜୁ, ଖିସମିସ ଇତ୍ୟାଦି ମିଶ୍ରଣ କରାଯାଇ ପୋଚ ପ୍ରସ୍ତୁତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରୁ ପ୍ରସ୍ତୁତ ହେଉଥିବା ମଦକୁ ସ୍ୱତନ୍ତ୍ର ବ୍ରାଣ୍ଡ କହି ଉଚ୍ଚ ଦରରେ ବିକ୍ରି କରାଯାଇ ଯୁବ ପିଢିଙ୍କୁ ପ୍ରଲୋଭିତ କରାଯାଉଥିବା ଅବକାରୀ ବିଭାଗ କହିଛି। ଅବକାରୀ ଏସ୍‌ପି ଅଶୋକ ସେଠଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଚଢ଼ାଉ ବେଳେ ୩୫କୁଇଣ୍ଟାଲ ପୋଚ ନଷ୍ଟ କରାଯିବା ସହିତ ୧୨୦ଲିଟର ମଦ ଓ ରନ୍ଧା ସାମଗ୍ରୀ ଜବତ ହୋଇଛି।

# ଯୋର, ଘେରିବନ୍ଧ କାମ କରିବାକୁ ଦାବି

ଆଳି, ୨୬।୮ (ଡି.ଏନ.ଏ.)

ଆଳି ବ୍ଲକ ନବନିର୍ମାଣ ଗ୍ରାମ୍ୟ କୃଷକ ସଙ୍ଗଠନ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛି ସ୍ୱାଧୀଧତାର ୭୫ ବର୍ଷ ପରେ ମଧ୍ୟ ଆଳି ଅଞ୍ଚଳ ଚାଷୀମାନଙ୍କ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇନାହିଁ। ଚାଷୀମାନେ ଚଳିତ ବର୍ଷ ଧାନ ଚାଷ କରିଥିବା ଜମିଗୁଡିକ ବର୍ଷା ଅଭାବରୁ ଫାଟି ଆଁ କଲାଣି। ଧାନଗଛଗୁଡିକ ଜଳିଗଲାଣି। ପାଣିପାଇଁ ଯୋର ଓ ଘେରିବନ୍ଧ କାମ ଶେଷ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷର ଏ ଅବସ୍ଥା ଦେଖି ସେମାନେ ଆଶଙ୍କାରେ ରହିଛନ୍ତି। ତେଣୁ ଏ ବିଷୟରେ ସରକାର ଚିନ୍ତା କରି ଚାଷୀମାନଙ୍କ ଅବସ୍ଥା ପ୍ରତି ଦୃଷ୍ଟି ଦେବା ଉଚିତ। ଛପୋଲିଆଠାରୁ ଅର୍ଜୁନପୁର ପର୍ଯ୍ୟନ୍ତ ଖୋଳା ଯାଇଥିବା ଯୋର ଅଧାପନ୍ତରିଆ ହୋଇ ପଡ଼ିରହିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏ ବିଷୟ ପ୍ରତି ଦୃଷ୍ଟି ଦେଇ କାମ ଶେଷ କରିବାକୁ ସେମାନେ ଦାବି କରିଛନ୍ତି।

### ୩ ନାବାଳିକା ମିଳିଲେ

ରାଜନଗର, ୨୬।୮ (ଡି.ଏନ.ଏ.)

ଦୀର୍ଘ ୫ମାସରୁ ଉର୍ଦ୍ଧ୍ୱ ଦିନ ଧରି ନିଖୋଜ ଥିବା ୩ ନାବାଳିକାଙ୍କୁ ରାଜନଗର ପୋଲିସ ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଛି। ରାଜନଗର ଆଇଆଇସି ତପନ କୁମାର ନାୟକଙ୍କ ନେତୃତ୍ୱରେ ଏଏସ୍‌ଆଇ ବିଜୟ କୁମାର ବରାଳ, ଅଜୟ କୁମାର ସାହୁ, ବିଭୂ ପ୍ରସାଦ ରାଉତଙ୍କୁ ନେଇ ଗଠିତ ଟିମ୍ ଗୁରୁବାର ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତର ଧାନଦିଆ ଗ୍ରାମର ୨ଜଣ, ଗୁପ୍ତି ପଞ୍ଚାୟତ ଚାରିଘରିଆ ଗ୍ରାମର ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି।

# ବିଜୁ ମହିଳା ଜନତା ଦଳ ପକ୍ଷରୁ ଚାରା ବଣ୍ଟନ



ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା।

ଲଙ୍ଗଳେଶ୍ୱର, ୨୬।୮ (ଡି.ଏନ.ଏ.)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବସ୍ତା ନିର୍ବାଚନମଣ୍ଡଳୀର ବିଜୁ ମହିଳା ଜନତା ଦଳ ପକ୍ଷରୁ ଫଳଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମହିଳାମାନଙ୍କୁ ଫଳଚାରା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୩ନମ୍ବର ଜୋନ ଜିଲାପରିଷଦ କସ୍ତୁରୀବାଳା ପାତ୍ର, ବିଜେଡି ନେତା ଅଜୟ ସାମଲ, ନିଶାକର ସେଠୀ, ଦେପାଳ ଭୂୟାଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରଙ୍ଗୋଲି ପ୍ରତିଯୋଗିତା



ଜଣେ ମହିଳା ରଙ୍ଗୋଲି ଆଙ୍କୁଛନ୍ତି।

ବାଲେଶ୍ୱର ଅଫିସ, ୨୬।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନ କ୍ଷେତ୍ରୀୟ ଜନ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ବାଲେଶ୍ୱର ଜିଲା ନାରୀ ସଂଘ ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ଉପରେ ଏକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନାରୀସଂଘର ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ର ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ନାରୀ ସଂଘର ସମ୍ପାଦିକା ଅପର୍ଣ୍ଣା ମହାପାତ୍ର, ସଦସ୍ୟ ବାସନ୍ତୀ ନାୟକ, କବିତ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍ ନିୟମ ଅନୁପାଳନ କରି ବାଲେଶ୍ୱରର ବିଭିନ୍ନ ପ୍ରାନ୍ତରୁ ଝିଅ ଓ ମହିଳାମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ଷେତ୍ରୀୟ ଜନସମ୍ପର୍କ କାର୍ଯ୍ୟାଳୟ ତରଫରୁ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କ୍ଷେତ୍ର ପ୍ରଚାର ସହାୟକ ଖଗେଶ ବାଇପାଇ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ନାରୀସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଷ, ଫାଶରେ ଯାଉଛି ପକ୍ଷୀଙ୍କ ଜୀବନ

- ଓରୁଆପାଳ ଜଙ୍ଗଲରେ ଅସୁରକ୍ଷିତ ପକ୍ଷୀ ସମ୍ଭାର
- ବିଭାଗ ଆଢୁଆଳରେ ପ୍ରାକୃତିକ ଗନ୍ତାଘର

ମହାକାଳପଡ଼ା, ୨୬।୮ (ଡି.ଏନ୍.ଏ.)

ପ୍ରାକୃତିକ ପରିବେଶକୁ ନେଇ ନିଜକୁ ସୁରକ୍ଷିତ ମନେ କରନ୍ତି ପକ୍ଷୀ ଓ ବନ୍ୟଜନ୍ତୁ। ବିଭିନ୍ନ ପ୍ରଜାତିର ପକ୍ଷୀ ଖାପଖୁଆଇଲା ଭଳି ପରିବେଶରେ ବସା ବାନ୍ଧିଥାନ୍ତି। କୌଣସି ବିପଦ ଆଶଙ୍କା ପୂର୍ବରୁ ସେହି ସ୍ଥାନ ପରିତ୍ୟାଗ କରନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ଅଧିକାଂଶ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଦେଶୀୟ ପକ୍ଷୀଙ୍କ ସମ୍ଭାର ଦେଖିବାକୁ ମିଳୁଛି। ଗୋବରୀ ନଦୀ ପାର୍ଶ୍ୱବର୍ତ୍ତୀ ଲୁଣା ଓ ହେନ୍ତାଳ ଜଙ୍ଗଲ ନାଳର ଉପର ସ୍ଥାନରେ ସୁରକ୍ଷିତ ଓରୁଆପାଳ ଘଞ୍ଚ ବୁଦାରେ ବଉଳା କୁମ୍ଭୀରଙ୍କ ବସାରେ ଅଣ୍ଡା ଦେଇଥାନ୍ତି। ଅପରପକ୍ଷେ ଅନେକ ସମୟରେ ଦେଶୀୟ ପକ୍ଷୀଙ୍କ ଉପରେ ସ୍ଥାନୀୟ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡେ। ଶିକାରୀମାନେ ନଦୀ ମଧ୍ୟରେ ଡଙ୍ଗା ସାହାଯ୍ୟରେ ଜଙ୍ଗଲରେ ସତର୍କତାର ସହ ପ୍ରବେଶ କରି ଫାଶ, ଜାଲ, ଚୂନା ମାଛରେ ବିଷ ଦେବା ଓ ଛିଟିକିଣୀ ବସାଇ ଏହି ପକ୍ଷୀଙ୍କୁ ଶିକାର କରୁଥିବା ଅଭିଯୋଗ ହେଉଛି। ଏହାର ସୁରକ୍ଷା ପାଇଁ ବନ ବିଭାଗ


ଗୋବରୀ ନଦୀ ପାର୍ଶ୍ୱ ଓରୁଆପାଳ ଜଙ୍ଗଲରେ ପକ୍ଷୀ ସମ୍ଭାର।

ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପରିବେଶବିତ୍, ପକ୍ଷୀ ପ୍ରେମୀମାନେ ଦାବି କରିଛନ୍ତି। ମହାକାଳପଡା ବ୍ଲକ ଉପକୂଳ ଏକଲପୁର ଗ୍ରାମ ସଂଲଗ୍ନ ପାର୍ଶ୍ୱରେ ବୋହିଯାଇଛି ଗୋବରୀ ନଦୀ ପାର୍ଶ୍ୱ ତ୍ରିକୋଣଭୂମି ଅଞ୍ଚଳର ୧୦୦ ଏକରରୁ ଅଧିକ ଓରୁଆପାଳ ଘଞ୍ଚ ଲୁଣା ଜଙ୍ଗଲ ପରିବେଷ୍ଟିତ ହୋଇ ରହିଛି।

ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଦେଶୀୟ ଓ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳେ। ବନ୍ୟଜନ୍ତୁଙ୍କ ମଧ୍ୟରେ ହରିଣ, ବାର୍‌ହା, ସାଳୁଆ ପତାନି, ହେଟା, ଶିଆଳ ସମେତ ବିଭିନ୍ନ ପ୍ରଜାତିର ଦେଶୀ ପକ୍ଷୀଙ୍କ ମଧ୍ୟରେ ବଗ, ଗେଣ୍ଡାଳିଆ, କାମ ଚଢ଼େଇ ସମେତ ସରୀସୃପ ତଥା କ୍ୟାମିଲିଆନ ପ୍ରଜାତିର ସାତରଙ୍ଗୀ ଏଣ୍ଡୁଅ, ବଉଳା କୁମ୍ଭୀର ବସା ରହିଛି। ବିଶେଷକରି ଏହି ଜଙ୍ଗଲରେ ଲୁଣା ଜାତୀୟ ଓରୁଆ ଗଛ ଦେଖିବାକୁ ମିଳେ। ବନୀ, ରାଇ, ସୁନ୍ଦରୀ, କେରୁହା, ସିନ୍ଦୂକା, କାଳିଆଖାଡି, ନାଳିଆ ଘାସ, ହେନ୍ତାଳ ଗଛ ଦେଖିବାକୁ ମିଳେ। ଓରୁଆ ଫଳ ପାଚିଲେ ପକ୍ଷୀମାନେ ଖାଇଥାନ୍ତି। ଚାଷ ଜମିରୁ ପକ୍ଷୀମାନେ ଚୁନା ମାଛ, ପୋକ ଜୋକ, କୀଟପତଙ୍ଗ, ଝିଣ୍ଟିକା ସମେତ ବିଭିନ୍ନ ଖାଦ୍ୟ ଖାଇବା ସହ ଛୁଆଙ୍କ ପାଇଁ ବସା ମଧ୍ୟକୁ ନେଇଥାନ୍ତି। ଝଡ଼ବର୍ଷା ପବନ ହେଲେ ଏହି ପକ୍ଷୀମାନେ ବାହାରକୁ ନ ଯାଇ ବସାରେ ଶାବକ ସହ ନିଜେ ସୁରକ୍ଷିତ ଭାବେ ରୁହନ୍ତି। ସ୍ଥାନୀୟ ଲୋକମାନେ କହିବା କଥା ଏହି ଜଙ୍ଗଲ ଅଞ୍ଚଳର ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରୀୟ ସଂରକ୍ଷଣ ଜଙ୍ଗଲ ଘୋଷଣା ହୋଇପାରିଲେ ଅନେକ ବନ୍ୟଜନ୍ତୁ, ପକ୍ଷୀଙ୍କ ବଂଶ ବୃଦ୍ଧି ପାଇ ପାରନ୍ତା। ଏଥିସହ ଦୂର ସ୍ଥାନରୁ ପର୍ଯ୍ୟଟକମାନେ ଏହି ସ୍ଥାନରେ ଭିଡ଼ ଜମେଇ ଗୋବରୀ ନଦୀର ଡଙ୍ଗାରେ ପରିଭ୍ରମଣ କରି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି ମତବ୍ୟକ୍ତ କରିଛନ୍ତି।

